ବର୍ଷ-୨୫, ସଂଖ୍ୟା-୫୮
ଭୁବନେଶ୍ୱର
୨୮, ଫେବୃଆରୀ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 58
Bhubaneswar
28 February, 2025, Friday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଆରପାରିରେ ଓଲିଉଡର ସୁପରଷ୍ଟାର

ଓଡ଼ିଆ ସିନେମା ଜଗତର ପ୍ରଥମ ସୁପରଷ୍ଟାର ଉତ୍ତମ ମହାନ୍ତିଙ୍କ ୬୬ ବର୍ଷ ବୟସରେ ପରଲୋକ

ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଶୋକପ୍ରକାଶ

ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ହେବ ଶେଷକୃତ୍ୟ

ଭୁବନେଶ୍ୱର,୨୭।୨(ମହାଭାରତ)): ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରଥମ ସୁପରଷ୍ଟାର, ଦଣ୍ଡାବାଲୁଙ୍ଗା ଭାବେ ପରିଚିତ ଦୀର୍ଘ ୪ ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କର ମନ ଜିଣିଥିବା ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତି ଆଉ ନାହାନ୍ତି। ଦିଲ୍ଲୀର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ରାତିରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା।ତାଙ୍କର ପରଲୋକ ନେଇ ତାଙ୍କର ଘନିଷ୍ଠ ସଂପର୍କୀୟଙ୍କ ସୂତ୍ରରୁ ଏହି ସୂଚନା ମିଳିଛି। ତାଙ୍କ ଅବର୍ତ୍ତମାନରେ ଓଡ଼ିଆ ଫିଲ୍ମ ଜଗତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଦେହାନ୍ତରେ ରାଜ୍ୟପାଳ ହରିବାବୁ କୁମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକପ୍ରକାଶ କରିଛନ୍ତି। ସେହିପରି ଓଡ଼ିଆ ଚଳଚ୍ଚିତ୍ରର ଅଭିନେତା, ପ୍ରଯୋଜକ, ନିର୍ଦ୍ଦେଶକ, କଣ୍ଠଶିଳ୍ପୀ, କଳାକାର, ଦର୍ଶକ ଓ ପ୍ରଶଂସକ ଦୁଃଖ ଓ ଶୋକ ପ୍ରକାଶ କରିଛନ୍ତି। ଲୋକପ୍ରିୟ ଅଭିନେତାଙ୍କ ଆତ୍ମାକୁ ଶାନ୍ତି ମିଳୁ ବୋଲି ପ୍ରାର୍ଥନା କରିଛନ୍ତି। ସେହିପରି ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଘୋଷଣା କରିଛନ୍ତି ରାଜ୍ୟ ସରକାର।

ଲୋକପ୍ରିୟ ଅଭିନେତା ଉତ୍ତମ ମହାନ୍ତିଙ୍କୁ କିଛି ଦିନ ପୂର୍ବରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେ ଆଇସିୟୁରେ ରହି ଚିକିତ୍ସିତ ହେଉଥିଲେ। ଭେଣ୍ଟିଲେଟର ସପୋର୍ଟରେ ଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ କିଛିଦିନ ପୂର୍ବରୁ

ଦିଲ୍ଲୀର ଏକ ଘରୋଇ ଡାକ୍ତରଖାନାକୁ ଏୟାର ଆମ୍ବୁଲାନ୍ସରେ ସ୍ଥାନାନ୍ତରିତ କରାଯାଇଥିଲା।ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।ବାବୁସାନ୍ ଫିଲ୍ମସର ନୂଆ ସିନେମା ବୋଉ ବୁଟୁ ଭୂତର ସୁଟିଂ ଚାଲିଥିବା ବେଳେ ଉତ୍ତମ ମହାନ୍ତି ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ଏହାପରେ ତାଙ୍କୁ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଜଗଦୀଶ ମିଶ୍ରଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଉତ୍ତମ ମହାନ୍ତି ପତ୍ନୀ ଅପରାଜିତା ଓ ପୁଅ ବାବୁସାନଙ୍କ ସହ ଅଭିନୟ କରିଛନ୍ତି। ଏଥିରେ ଅର୍ଚ୍ଚିତା ନାୟିକା ଭୂମିକାରେ ନଜର ଆସିବେ।

ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଉତ୍ତମ ମହାନ୍ତି ଏକ ଜଣାଶୁଣା ନାମ ସେ ୧୯୫୮ ଡିସେମ୍ବର ୨୩ ତାରିଖରେ ବାରିପଦାରେ ଜନ୍ମଗ୍ରହଣ କରିଥିଲେ। ବାରିପଦାରେ ହିଁ ତାଙ୍କର ହାଇସ୍କୁଲ ଓ ମହାବିଦ୍ୟାଳୟ ଶିକ୍ଷା ସମାପ୍ତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତ୍ରୀ ଅପରାଜିତା ମହାନ୍ତିଙ୍କୁ ସେ ବିବାହ କରିଥିବା ବେଳେ ଏକମାତ୍ର ପୁଅ ବାବୁସାନ ହେଉଛନ୍ତି ଜଣେ ସଫଳ ଅଭିନେତା ।

ଉତ୍ତମ ମହାନ୍ତି ୧୯୭୭ ମସିହାରେ ଚଳଚ୍ଚିତ୍ର ଅଭିମାନ ମାଧ୍ୟମରେ ଓଡ଼ିଆ ଚଳଚ୍ଚିତ୍ର ଦୁନିଆରେ ପାଦ ଥାପିଥିଲେ। ୧୯୭୮ରେ କବି ସମ୍ରାଟ ଭଂଜ, ପତିପତ୍ନୀ, ଶଙ୍ଖମହୁରୀ ମାଧ୍ୟମରେ ଆଗକୁ ବଢ଼ିଥିଲେ। ୧୯୭୯ରେ ଚିହ୍ନା-ଅଚିହ୍ନା, ନିଝୁମ ରାତିର ସାଥୀ, ୧୯୮୦ରେ ରାମାୟଣ, ରାମ ବଳରାମ ଭଳି ଲୋକପ୍ରିୟ ଚଳଚ୍ଚିତ୍ରରେ ଅଭିନୟ କରନ୍ତି ପୁଣି ୧୯୮୪ରେ ଦଣ୍ଡାବାଲୁଙ୍ଗା ତାଙ୍କୁ ଏକ ଭିନ୍ନ ପରିଚୟ ଦିଏ ୧୯୯୦ରେ ଶାସ୍ତି, ଗୋପରେ ବଢୁଛି କଳା କହ୍ନେଇ, ରାଜାରାଣୀ, କଣ୍ଢେଇ, ବିଧିର ବିଧାନ ଓଡ଼ିଆ। ଦର୍ଶକଙ୍କର ମନ ଛୁଇଁଛି ଏଯୁଗର କୃଷ୍ଣସୁଦାମା, ମୁଁ ତତେ ଲଭ୍ କରୁଛି, ତୁମକୁ ପାରୁନି ଭୁଲି, ଆଇଲାରେ ଓଡ଼ିଆ। ପୁଅ, ତୁ ମୋରି ପାଇଁ, ପାଗଳ କରୁଛି ପାଉଁଜି ତୋର, ବିଦ୍ୟାରାଣୀ ଭଳି ଚଳଚ୍ଚିତ୍ର ଦର୍ଶକମାନଙ୍କର ହୃଦୟକୁ ଛୁଇଁଛି। ମୋଟାମୋଟି ଭାବେ ଉତ୍ତମ ମହାନ୍ତି ପ୍ରାୟ ଦେଶଶହ ଚଳଚ୍ଚିତ୍ରରେ ଅଭିନୟ କରି ନିଜର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି। କେବଳ ଓଡ଼ିଆ। ନୁହେଁ, ବରଂ ସେ ୩୦ଟି ବେଙ୍ଗଳି ଓ ଗୋଟିଏ ହିନ୍ଦୀ ଚଳଚ୍ଚିତ୍ର (ନୟା ଜହେର)ରେ ମଧ୍ୟ ଅଭିନୟ କରିଛନ୍ତି। ଏତଦ୍ ବ୍ୟତୀତ ସେ କିଛି ଓଡ଼ିଆ। ଧାରାବାହିକରେ ମଧ୍ୟ ଅଭିନୟ କରିଛନ୍ତି, ଯେଉଁଥିରେ କଥା କହୁଥିଲେ ସରିବନି, ପଣତକାନୀ, ସାରାଆକାଶ ଓ ଉତ୍ତରଦାୟୀ ସାମିଲ ରହିଛି। ଉତ୍ତମ ମହାନ୍ତିଙ୍କୁ ୧୯୯୯ରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଜୟଦେବ ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ଅନେକ ଥର ଶ୍ରେଷ୍ଠ ଅଭିନେତା ଓ ସହ ଅଭିନେତା ଭାବେ ମଧ୍ୟ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲେ।

ନୋ ଫ୍ଲାଇଙ୍ଗ୍ ଜୋନରେ ଡ୍ରୋନ୍

ଭୁବନେଶ୍ୱର,୨୭।୨(ମହାଭାରତ): ମହାପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିରରେ ମହାଶିବରାତ୍ରି ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ତେବେ ଗତକାଲି ଯେଉଁ ବ୍ୟତିକ୍ରମ ହୋଇଥିଲା ତାହା ହେଲା ନୋ ଫ୍ଲାଇନ ଜୋନରେ ମାଳ ମାଳ ଭିଡିଓଗ୍ରାଫି। ଏପରି କରି ଡ୍ରୋନ୍ ମାଲିକସୁରକ୍ଷା ବ୍ୟବସ୍ଥାକୁ କଡା ଚ୍ୟାଲେଞ୍ଜ ଦେଇଛନ୍ତି। ଲିଙ୍ଗରାଜ ମନ୍ଦିର ଭିତରକୁ ମାଳ ମାଳ ଫୋନ କିପରି ଯାଇଥିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତାକଲି ମହାଶିବରାତ୍ରିରେ ଛତୁ ଫୁଟିଲା ଭଳି ଆକାଶରେ ଡ୍ରୋନ୍ ଉଡୁଥିଲା। କିଏ କେତେ ପ୍ରକାରର ଭିଡିଓ ସୁଟ କରି ପାରିବ, ସେନେଇ ଯେମିତି ଏକ ପ୍ରକାରର ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା। କିନ୍ତୁ ଏସବୁ ଉପରେ ଯେମିତି କାହାର ଟିକିଏ ବି ନଜର ନଥିଲା। ଜାଗରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଭକ୍ତଙ୍କ ଜନସମାଗମ ଥିଲା। କିଏ କେଉଁ ଉଦ୍ଦେଶ୍ୟ ରଖି ଏହି ଡ୍ରୋନ ଉଡାଉଥିଲା, ସେ କଥା କହିବା ମୁସ୍କିଲ। କିନ୍ତୁ ଏକଥା ବି ସତ ଯେ, ଡ୍ରୋନ୍ ପଡି ଲୋକ ଖଣ୍ଡିଆ ଖାବରା ହୋଇପାରନ୍ତି କିମ୍ବା କୌଣସି ଅପରାଧିକ କାର୍ଯ୍ୟକଳାପର ବି ଆଶଙ୍କା ରହିପାରେ। ପାଖରେ ବିମାନ ବନ୍ଦର ରହିଛି, ଏୟାରପୋର୍ଟ ଅଥରିଟି ଏବଂ ଲିଙ୍ଗରାଜ ମନ୍ଦିର ଆଡମିଷ୍ଟେସନ କଣ କରୁଥିଲା ବୋଲି ପ୍ରଶ୍ନ ଉଠିଛି।



ସେପଟେ ଏଭଳି ଐତିହାସିକ ଓ ପ୍ରାଚୀନ ମନ୍ଦିର ଉପରେ ମାଳ ମାଳ ଡ୍ରୋନ୍ ଉଡାଇବା ଘଟଣାରେ ମନ୍ଦିର ପ୍ରଶାସନ କାହିଁକି ଚୁପ ରହିଛି। ଅନ୍ତରାଷ୍ଟ୍ରୀୟ ବିମାନବନ୍ଦର ପାଖରେ ରହିଥିବା ବେଳେ, ବିନା ଅନୁମତିରେ କିଏ କେଉଁ ଉଦ୍ଦେଶ୍ୟ ରଖି ଡ୍ରୋନ ଉଡାଇଛି ସେନେଇ ତଦନ୍ତ କରାଯାଉ ବୋଲି କହିଛନ୍ତି ସଂସ୍କୃତି ଗବେଷକ। ଶ୍ରୀମନ୍ଦିରରେ ଡ୍ରୋନ୍ ଉଡିବା ଘଟଣାରେ ପୂର୍ବରୁ ବହୁ ପର୍ଯ୍ୟଟକ ଏବଂ ୟୁଟୁବରଙ୍କୁ ଗିରଫ କରାଯାଇଥିବା ନଜିର ରହିଛି। ଲିଙ୍ଗରାଜ ମନ୍ଦିରରେ ଡ୍ରୋନ୍ ଉଡାଇଥିବା ବ୍ୟକ୍ତି ବିଶେଷଙ୍କୁ କେବେ ଚିହ୍ନଟ କରାଯିବ ସେନେଇ ପ୍ରଶ୍ନ ଉଠିଛି।

ଆୟୁଷ କ୍ଷେତ୍ରର ସମୀକ୍ଷା ପାଇଁ ଉଚ୍ଚସ୍ତରୀୟ ବୈଠକ

ନୂଆଦିଲ୍ଲୀ,୨୭।୨(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆୟୁଷ କ୍ଷେତ୍ରର ସମୀକ୍ଷା ପାଇଁ ୭ ଲୋକ କଲ୍ୟାଣ ମାର୍ଗରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ବୈଠକରେ ପ୍ରଧାନମନ୍ତ୍ରୀ ସାମଗ୍ରିକ କଲ୍ୟାଣ ଓ ସ୍ୱାସ୍ଥ୍ୟସେବା, ପାରମ୍ପରିକ ଜ୍ଞାନର ସଂରକ୍ଷଣ ଓ ଦେଶର ସବାସ୍ଥ୍ୟ ଇକୋସିଷ୍ଟମରେ ଯୋଗଦାନ କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆଲୋକପାତ କରିଥିଲେ।

୨୦୧୪ରେ ଆୟୁଷ ମନ୍ତ୍ରଣାଳୟ ଗଠନ ହେବା ପରଠାରୁ ପ୍ରଧାନମନ୍ତ୍ରୀ ଏହାର ବିଶାଳ ସମ୍ଭାବନାକୁ ସ୍ୱୀକାର କରିବା ସହ ଏହାର ଅଭିବୃଦ୍ଧି ପାଇଁ ଏକ ସ୍ପଷ୍ଟ ରୋଡମ୍ୟାପ ପରିକଳ୍ପନା କରିଛନ୍ତି। ଏହି କ୍ଷେତ୍ରର ପ୍ରଗତିର ଏକ ବିସ୍ତୃତ ସମୀକ୍ଷାରେ ପ୍ରଧାନମନ୍ତ୍ରୀ ଆୟୁଷର ପୂର୍ଣ୍ଣ ସାମର୍ଥ୍ୟକୁ ଉପଯୋଗ କରିବା ପାଇଁ ରଣନୀତିକ ହସ୍ତକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସମୀକ୍ଷାରେ ପଦକ୍ଷେପଗୁଡ଼ିକୁ ସୁବ୍ୟବସ୍ଥିତ କରିବା, ସମ୍ବଳକୁ ଅନୁକୂଳ କରିବା ଏବଂ ଆୟୁଷର ବୈଶ୍ୱିକ ଉପସ୍ଥିତିକୁ ଉନ୍ନତ କରିବା ପାଇଁ ଏକ ଦୂରଦୃଷ୍ଟିସମ୍ପନ୍ନ ପଥ ପ୍ରସ୍ତୁତ କରିବା ଉପରେ ଧ୍ୟାନ ଦିଆଯାଇଥିଲା।

ସମୀକ୍ଷା ସମୟରେ, ପ୍ରଧାନମନ୍ତ୍ରୀ ଏହି କ୍ଷେତ୍ରର ଉଲ୍ଲେଖନୀୟ ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ, ଯେଉଁଥିରେ ପ୍ରତିଷେଧକ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହିତ କରିବାରେ ଏହାର ଭୂମିକା, ଔଷଧୀୟ ଉଦ୍ଭିଦ ଚାଷ ମାଧ୍ୟମରେ ଗ୍ରାମୀଣ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଏବଂ ପାରମ୍ପରିକ ଔଷଧରେ ଅଗ୍ରଣୀ ଭାବରେ ଭାରତର ବିଶ୍ୱସ୍ତରୀୟ ସ୍ଥିତିକୁ ବୃଦ୍ଧି କରିବା ଅନ୍ତର୍ଭୁକ୍ତ ସେ ଏହି କ୍ଷେତ୍ରର ନମନୀୟତା

ଏବଂ ଅଭିବୃଦ୍ଧି ଉପରେ ଆଲୋକପାତ କରି ବିଶ୍ୱବ୍ୟାପୀ ଏହାର ବର୍ଦ୍ଧିତ ସ୍ୱୀକୃତି ଏବଂ ସ୍ଥାୟୀ ବିକାଶ ତଥା ନିଯୁକ୍ତି ସୃଷ୍ଟି ପାଇଁ ଏହାର ସମ୍ଭାବନା ବିଷୟରେ ଉଲ୍ଲେଖ କରିଥିଲେ।

ନୀତି ସହାୟତା, ଗବେଷଣା ଏବଂ ନବସୃଜନ ମାଧ୍ୟମରେ ଆୟୁଷ କ୍ଷେତ୍ରକୁ ସୁଦୃଢ଼ କରିବା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ଦୋହରାଇଥିଲେ। ଯୋଗ, ପ୍ରାକୃତିକ ଚିକିତ୍ସା ଏବଂ ଫାର୍ମାସି କ୍ଷେତ୍ର ଉପରେ ସାମଗ୍ରିକ ଏବଂ ସମନ୍ୱିତ ସ୍ୱାସ୍ଥ୍ୟ ଏବଂ ମାନକ ପ୍ରୋଟୋକଲକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ ।

ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଯେ ବିଭିନ୍ନ କ୍ଷେତ୍ରରେ ସରକାରଙ୍କ ସମସ୍ତ କାର୍ଯ୍ୟକଳାପର ଆଧାର ସ୍ୱଚ୍ଛତା ହେବା ଆବଶ୍ୟକ ସେ ସମସ୍ତ ଅଂଶୀଦାରମାନଙ୍କୁ ବିଶ୍ୱସନୀୟତାର ସର୍ବୋଚ୍ଚ ମାନକ ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ସେମାନଙ୍କର କାର୍ଯ୍ୟ କେବଳ ଆଇନର ଶାସନ ଦ୍ୱାରା ପରିଚାଳିତ ଏବଂ ଜନସାଧାରଣଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ବୋଲି ସୁନିଶ୍ଚିତ କରିବା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଶିକ୍ଷା, ଗବେଷଣା, ଜନସ୍ୱାସ୍ଥ୍ୟ, ଅନ୍ତର୍ଜାତୀୟ ସହଯୋଗ, ବାଣିଜ୍ୟ, ଡିଜିଟାଇଜେସନ୍ ଏବଂ ବିଶ୍ୱ ସମ୍ପ୍ରସାରଣରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରି ଆୟୁଷ କ୍ଷେତ୍ର ଭାରତର ସ୍ୱାସ୍ଥ୍ୟସେବା ପରିଦୃଶ୍ୟରେ ଏକ ପ୍ରେରକ ଶକ୍ତି ଭାବରେ ଦ୍ରୁତ ଗତିରେ ବିକଶିତ ହୋଇଛି। ସରକାରଙ୍କ ପ୍ରୟାସ ଦ୍ୱାରା ଏହି କ୍ଷେତ୍ର ଅନେକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି, ଯାହା ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ବୈଠକରେ ସୂଚନା ଦିଆଯାଇଥିଲା

ଆୟୁଷ ଉତ୍ପାଦନ ବଜାରର ଆକାର ୨୦୧୪ରେ ୨୮.୫ କୋଟି ଆମେରିକୀୟ ଡଲାରରୁ ବୃଦ୍ଧି ପାଇ ୨୦୨୩ରେ ୨୩ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିବା ସହିତ ଏହି କ୍ଷେତ୍ର ଦ୍ରୁତ ଆର୍ଥିକ ଅଭିବୃଦ୍ଧି ପ୍ରଦର୍ଶନ କରିଛି। ଭାରତ ପ୍ରମାଣ ଆଧାରିତ ପାରମ୍ପରିକ ଔଷଧ କ୍ଷେତ୍ରରେ ନିଜକୁ ଏକ ବିଶ୍ୱସ୍ତରୀୟ ଅଗ୍ରଣୀ ଭାବେ ପ୍ରତିଷ୍ଠିତ କରିଛି, ଆୟୁଷ ରିସର୍ଚ୍ଚ ପୋର୍ଟାଲ ଏବେ ୪୩,୦୦୦ରୁ ଅଧିକ ଅଧ୍ୟୟନ ଆୟୋଜନ କରୁଛି।

ଏହି ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, ଆୟୁଷ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରତାପ ରାଓ ଯାଦବ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି. କେ. ମିଶ୍ର, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ-୨ ଶକ୍ତିକାନ୍ତ ଦାସ, ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ଅମିତ ଖାରେ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ବଢ଼ିପାରେ ଲୋକସଭା ଓ ବିଧାନସଭା ଆସନ

ଭୁବନେଶ୍ୱର,୨୭।୨(**ମହାଭାରତ**): ଭବିଷ୍ୟତରେ ବଢିବ ଲୋକସଭା ଆସନ। ଓଡିଶାରେ ୨୧ ବଦଳରେ ୨୮ ଆସନ ହୋଇପାରେ। ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିବା ରିପୋର୍ଟ କହୁଛି, ୨୦୨୬ ପୁନଃ ସୀମାନିର୍ଦ୍ଧାରଣ ସହିତ ବଢିବ ଦେଶର ସାଂସଦଙ୍କ ସଂଖ୍ୟା ଲୋକସଭା ଆସନ ବଢି ୮୪୮କୁ ଛୁଇଁପାରେ। ଏହି କ୍ରମରେ ଓଡିଶା ଲୋକସଭା ଆସନ ସଂଖ୍ୟା ୨୧ରୁ ୨୮କୁ ବଢିପାରେ। ତେବେ ଏହାରି ଭିତରେ ସବୁଠୁ ଅଧିକ ଆସନ ହେବ ଉତ୍ତରପ୍ରଦେଶର, ଏହାପରେ ମହାରାଷ୍ଟ୍ର, ତାମିଲନାଡୁ ଓ ବିହାର ରହିପାରେ। ସେହିଭଳି ଆନ୍ଧ୍ର ଓ ତେଲେଙ୍ଗାନାରେ ୫୪, ପଶ୍ଚିମବଙ୍ଗରେ ଲୋକସଭା ଆସନ ସଂଖ୍ୟା ୬୦ ହୋଇପାରେ।

ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟାରେ ବଡ ବାଧକ ସାଜିଛି ଜନଗଣନା। ଏଯାଏଁ କେନ୍ଦ୍ର ଏହି ପ୍ରକ୍ରିୟା ଆରମ୍ଭ କରିନି। ଯଦି ୨୦୨୬ରେ ଜନଗଣନା ହୁଏ ତେବେ ଲୋକସଭା ସହିତ ଅନୁରୂପ ହାରରେ ବିଧାନସଭା ସିଟ ମଧ୍ୟ ବଢିବ। ଅତେବ ଓଡିଶା ବିଧାନସଭା ଆସନ ସଂଖ୍ୟା ୧୯୬ ଛୁଇଁପାରେ। ଆହୁରି ସ୍ପଷ୍ଟ ଭାବେ କହିବାକୁ ଗଲେ, ଏସବୁ କାର୍ଯ୍ୟକାରୀ କରାଗଲେ ଆହୁରି ଅଧିକ ୪୯ ବିଧାୟକଙ୍କୁ ଓଡିଶା ନିର୍ବାଚିତ କରିବ। ତେଣୁ ପ୍ରଶ୍ନ ଉଠୁଛି, ବର୍ତ୍ତମାନ ବିଧାନସଭାରେ ଏତେ ଅଧିକ ବିଧାୟକ ବସିବାକୁ ସ୍ଥାନ ଅଛି ତ? ବିଧାନସଭା ଆକାର ବଢେଇବା ପାଇଁ ଚିନ୍ତା କଲେଣି କି ସରକାର ?

୧୯୭୭ ମସିହା ପରେ ଦେଶରେ ଲୋକସଭା ଆସନ ସଂଖ୍ୟା ବଢିନି। ଯଦିଓ ଓଡିଶାରେ ୨୦୦୯ରେ ନିର୍ବାଚନ ପୂର୍ବରୁ ନିର୍ବାଚନମଣ୍ଡଳୀ ଗୁଡିକର ସୀମା ପୁନଃନିର୍ଦ୍ଧାରଣ ଆଂଶିକ କରାଯାଇଛି। ତେଣୁ ଏବେଠୁ ରାଜନୈତିକ ଚର୍ଚ୍ଚା ହେଲାଣି, କେଉଁ ନିର୍ବାଚନ ମଣ୍ଡଳୀ ଭାଙ୍ଗିବ ଓ କେଉଁ ନୂଆ ଆସନ ଜନ୍ମ ନେବ?

୨୦୨୪-୨୫ରେ ୮୫% ଖର୍ଚ୍ଚ କରିବାକ ପରାମର୍ଶ

ଭୁବନେଶ୍ୱର,୨୭।୨(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ବିଭିନ୍ନ ବିଭାଗର ଖର୍ଚ୍ଚ ସମୀକ୍ଷା କରି ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା (୨୦୨୪-୨୫) ସମୁଦାୟ ଖର୍ଚ୍ଚ ପରିମାଣ ଅନ୍ୟୁନ ୮୫ ପ୍ରତିଶତ କରିବାକୁ ପରାମର୍ଶ ଦେଇଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ସମୁଦାୟ ଖର୍ଚ୍ଚ ପରିମାଣ ମୋଟ ବଜେଟର ୮୧ ପ୍ରତିଶତ ଥିଲା ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚଳିତ ବର୍ଷ ନିର୍ବାଚନ, ନୂଆ। ସରକାରଙ୍କ ଦାୟିତ୍ୱ ଗ୍ରହଣ ଏବଂ ସଂପୂର୍ଣ୍ଣ ବଜେଟ ସେପ୍ଟେମ୍ବର ମାସରେ ହୋଇଥିବାରୁ ଖର୍ଚ୍ଚ ହେବାରେ ସମସ୍ୟା ରହିଥିଲା। ସେ ଦୃଷ୍ଟିରୁ ବର୍ତ୍ତମାନ ସୁଦ୍ଧା ଅନେକ ବିଭାଗର ଖର୍ଚ୍ଚ ପରିମାଣ ସନ୍ତୋଷଜନକ ରହିଛି। ତେବେ ଆଉ ଯେଉଁ ଗୋଟିଏ ମାସ ସମୟ ରହିଲା, ତାକୁ ସଂପୂର୍ଣ୍ଣ ଉପଯୋଗ କରି ବଜେଟର ଅନ୍ୟୁନ ୮୫ ପ୍ରତିଶତ ଖର୍ଚ୍ଚ କରିବାକୁ ସେ କହିଥିଲେ।

ମନ୍ତ୍ରୀ ମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ବିଭାଗୀୟ ମନ୍ତ୍ରୀ ମାନେ ଯେଉଁସବୁ ଖର୍ଚ୍ଚ ପ୍ରସ୍ତାବ ଅଛି, ତାକୁ ତୁରନ୍ତ ଅନୁଧ୍ୟାନ କରି ଆବଶ୍ୟକ ଅନୁମୋଦନ କରିବା ଉଚିତ। ବିଭିନ୍ନ

କଲ୍ୟାଣ ଯୋଜନାରେ ଯେଉଁସବୁ ଦେୟ ପ୍ରଦାନ ବାକି ରହିଛି, ସେଗୁଡିକୁ ମଧ୍ୟ ନିୟମାନୁଯାୟୀ ତୁରନ୍ତ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ କାର୍ଯ୍

‘ଫୁଲକୋବି ଖିରି’

ପରିବାରୁ ବି ହୋଇପାରେ ଖିରି। ଫୁଲକୋବି ସହାଯ୍ୟରେ ଆପଣ ଏହି ମିଠା ଖାଦ୍ୟଟି ପ୍ରସ୍ତୁତ କରିପାରିବେ। ତେବେ ଏହି ଖାଦ୍ୟଟି କେମିତି ପ୍ରସ୍ତୁତ କରାଯିବ ଜାଣନ୍ତୁ।

ଆବଶ୍ୟକ ସାମଗ୍ରୀ: କ୍ଷୀର, କାଜୁ, ପିସ୍ତା, କିସ୍ମିସ୍, ଫୁଲକୋବି, ଚିନି, ମିଲ୍କମେଡ୍ ଲୁଣ ଓ ଘିଅ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଫୁଲକୋବିକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଏବେ କଡେଇରେ ଘିଅ ଗରମ କରି କଟା କୋବିରେ ଲୁଣ ପକାଇ ଭାଜି ଦିଅନ୍ତୁ। ଏହାପରେ କଡେଇରେ କ୍ଷୀରକୁ ଫୁଟାଇ ସେଥିରେ ଚିନି ପକାନ୍ତୁ। କ୍ଷୀର ଭଲ ଭାବେ ଫୁଟିଯିବା ପରେ ସେଥିରେ ଫୁଲକୋବି ଭଜା ପକାନ୍ତୁ। ଏହାପରେ ଏଥିରେ ମିଲ୍କମେଡ୍, କାଜୁ, ପିସ୍ତା, କିସମିସ୍ ପକାଇ ୫ ରୁ ୧୦ ମିନିଟ୍ ଫୁଟାନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ‘ଫୁଲକୋବି ଖିରି’।

…… ପରଦା ଖବର ……

ଚିରନିଦ୍ରାରେ ଦଣ୍ଡାବାଳୁଙ୍ଗା

ଓଲିଉଡର ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତି ଆଉ ନାହାନ୍ତି। ଲିଭର ସିରୋସିସ୍ ରୋଗରେ ପୀଡ଼ିତ ହୋଇ ଗୁରୁଗାଓଁ ମେଦାନ୍ତ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ଆଜି ତାଙ୍କର ପରଲୋକ ହୋଇଛି। ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ଉତ୍ତମଙ୍କ ବିୟୋଗରେ ଓଲିଉଡ୍ ତଥା ସାରା ଓଡ଼ିଶାରେ ଶୋକର ଛାୟା ଖେଳିଯାଇଛି। ଗତ ୬ ତାରିଖରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ତାଙ୍କୁ ଭୁବନେଶ୍ୱରର କିମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଉତ୍ତତ ଚିକିତ୍ସା ପାଇଁ ୮ ତାରିଖରେ ତାଙ୍କୁ ଏୟାର ଆମ୍ବୁଲାନ୍ସରେ ଦିଲ୍ଲୀ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଲିଭର ସିରୋସିସ୍ ସହ ନିମୋନିଆର ଚିକିତ୍ସା ଚାଲିଥିଲା। ସାରା ରାଜ୍ୟରେ ଶହଶହ ପ୍ରଶଂସକ ତାଙ୍କର ଆରୋଗ୍ୟ କାମନା କରିଥିଲେ। ତେବେ ୨୦ ଦିନ କାଳ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଚିରବିଦାୟ ନେଇଗଲେ ଉତ୍ତମ। ତାଙ୍କର ପରଲୋକରେ ଓଲିଉଡରେ ଏକ ଯୁଗର ଅବସାନ ଘଟିଲାୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ୨୩ ଡିସେମ୍ବର ୧୯୫୮ରେ ବାରିପଦାରେ ଜନ୍ମଗ୍ରହଣ କରିଥିଲେ ଉତ୍ତମ। ପ୍ରଥମରୁ ଅଭିନେତା ହେବାର ଲକ୍ଷ୍ୟ ନଥିଲେ ମଧ୍ୟ ୧୯୭୭ ମସିହାରେ ସେ ‘ଅଭିମାନ’ ଚଳଚ୍ଚିତ୍ର କରିଆରେ ଓଡ଼ିଆ ସିନେମା ଜଗତରେ ପାଦ ଥାପିଥିଲେ। ତା’ପରେ ଆଉ ସେ ପଛକୁ ଫେରି ଚାହିନାହାନ୍ତି। ଗୋଟିଏ ପରେ ଗୋଟିଏ ସୁପରହିଟ୍ ସିନେମା ଭେଟି ଦେଇ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନିଜସ୍ୱ ଛାପ ଛାଡ଼ି ଯାଇଛନ୍ତି। ଏମିତି କେଉଁ ଓଡ଼ିଆ ନଥିବେ, ଯିଏ ଉତ୍ତମ ମହାନ୍ତିଙ୍କ ଅଭିନୀତ ସିନେମା ପ୍ରେମରେ ପଡ଼ି ନଥିବେ। ତାଙ୍କର ଚେହେରା, ଅଭିନୟ, ନୃତ୍ୟ, ଆକ୍ସନ୍ ସବୁଥିରେ ନିଆରାପଣ ବାରି ହୋଇପଡୁଥିଲା। ଓଡ଼ିଶାର ଘରେ ଘରେ ଅତ୍ୟନ୍ତ ଲୋକପ୍ରିୟ ହୋଇଯାଇଥିଲେ ଉତ୍ତମ। ଓଲିଉଡ୍ରେ ସୁପରଷ୍ଟାର୍ ବୋଲି ଯଦି କାହାରିକୁ ପ୍ରଥମ ଥର ଆଖ୍ୟା ଦିଆଯାଇଥିଲା, ତେବେ ସେ ନିଃସନ୍ଦେହରେ ଥିଲେ ଉତ୍ତମ। ୧୩୫ରୁ ଅଧିକ ଚଳଚ୍ଚିତ୍ରରେ ସେ ଅଭିନୟ କରିଥିଲେ। ଏହା ସହ ଅନେକ ସୁପରହିଟ୍ ବଙ୍ଗଳା ଚଳଚ୍ଚିତ୍ରରେ ସେ ନିଜ ଅଭିନୟର ସ୍ୱାକ୍ଷର ଛାଡ଼ିଛନ୍ତି। ବ୍ୟକ୍ତିଗତ ଜୀବନରେ ଉତ୍ତମ ଅତ୍ୟନ୍ତ ଭଦ୍ର, ଅମାୟିକ ଥିଲେ। ଚାରି ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଆ ସିନେମା ଜଗତରେ ଛାଇ ଯାଇଥିଲେ ଉତ୍ତମ ମହାନ୍ତିୟ ତାଙ୍କ ଅବଦାନକୁ ସ୍ୱୀକୃତି ଜଣାଇ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ବହୁ ଅନୁଷ୍ଠାନ ତାଙ୍କୁ ସମ୍ମାନିତ କରିଛନ୍ତି। ସେ ଜୟଦେବ ପୁରସ୍କାର ସମେତ ଚାରି ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ‘ଦଣ୍ଡାବାଳୁଙ୍ଗା’ ‘ଝିଅଟି ସୀତା ପରି’ ଓ ‘ଫୁଲଚନ୍ଦନ’ ପାଇଁ ଶ୍ରେଷ୍ଠ ଅଭିନେତା ଏବଂ ‘ତୋ ବିନୁ ଅନ୍ୟ ଗତି ନାହିଁ’ ପାଇଁ ଶ୍ରେଷ୍ଠ ସହ-ଅଭିନେତା ପୁରସ୍କାର ପାଇଥିଲେ। ଉତ୍ତମଙ୍କ ପୂରା ପରିବାର ଚଳଚ୍ଚିତ୍ର ଜଗତ ପ୍ରତି ସମର୍ପିତ। ତାଙ୍କ ପତ୍ନୀ ଅଭିନେତ୍ରୀ ଅପରାଜିତା ମହାନ୍ତି ଓ ପୁତ୍ର ଅଭିନେତା ବାବୁସାନ ମହାନ୍ତି ଅଭିନୟ ଜଗତରେ ବେଶ୍ ସଫଳତା ପାଇଛନ୍ତି। ଉତ୍ତମ-ଅପରାଜିତା ଯୋଡ଼ି ଓଲିଉଡ୍ର ସର୍ବକାଳୀନ ହିଟ୍ୟୋଡ଼ି ଭାବେ ବିବେଚିତ। ଏହି ଯୋଡ଼ି ଅଭିନୀତ ଅନେକ ଚଳଚ୍ଚିତ୍ର ସୁପରହିଟ୍ ହୋଇଛି। ଏବେ ବାବୁସାନ ଓଲିଉଡ୍ର ଆଗଧାଡ଼ିର ତାରକା। ଗତ କିଛି ବର୍ଷ ହେଲା ସ୍ୱାସ୍ଥ୍ୟଗତ କାରଣରୁ ଉତ୍ତମ ଅଭିନୟ ଜଗତରୁ ଦୂରେଇ ଯାଇଥିଲେ।

ସରଳ ଉପାୟରେ ପୂରଣ ହେବ ମନସ୍କାମନା

ଭଗବାନ ଶଙ୍କରଙ୍କୁ ପ୍ରସନ୍ନ କରିବାର କିଛି ସରଳ ଉପାୟ ବିଷୟରେ ଜାଣନ୍ତୁ। ଏହି ଉପାୟ ଦ୍ୱାରା ମନସ୍କାମନା ପୂରଣ ହେବା ସହ ଶୁଭଫଳ ପ୍ରାପ୍ତି ହୋଇଥାଏ।

ତମ୍ବାର ଏକ କଳସରେ ଜଳରେ ଗଙ୍ଗାଜଳ ମିଶାଇ ଶିବ ଲିଙ୍ଗରେ ଜଳ ଅର୍ପଣ କରନ୍ତୁ। ଏହି ସମୟରେ ମନ୍ତ୍ର ଜପ କରନ୍ତୁ। ଧିରେ ଧିରେ ଏକ ଧାରାରେ ଜଳ ଅର୍ପଣ କରନ୍ତୁ।

ଅଖଣ୍ଡିତ ବେଲପତ୍ରରେ ଚନ୍ଦନ ତିଳକ ଲଗାଇ ପ୍ରଭୁଙ୍କୁ ଅର୍ପଣ କରନ୍ତୁ।

ବେଲପତ୍ର,ଦୂଦୁରା ଫୁଲ ପ୍ରଭୁଙ୍କୁ ଅର୍ପଣ କରନ୍ତୁ। ଶିବ ମନ୍ଦିରରେ ଘିଅ ଦୀପ ଲଗାଇବା ସହ ୧୦୮ ଥର ଶିବ ମନ୍ତ୍ରର ଜପ କରନ୍ତୁ।

କ୍ଷୀର,ମହୁ ମଧ୍ୟ ପ୍ରଭୁଙ୍କୁ ଅର୍ପଣ କଲେ ମନସ୍କାମନା ପୂରଣ ହୋଇଥାଏ।

ଅସହାୟଙ୍କୁ ଭୋଜନ ଓ ବସ୍ତ୍ର ଦାନ କରନ୍ତୁ।

ଝାଡୁ ସହ ଜଡିତ ନିୟମ : ପାଳନ କଲେ ହେବ ଧନବର୍ଷା

ଝାଡୁର ବ୍ୟବହାର ପ୍ରତ୍ୟେକ ଘରେ କରାଯାଏ। ଘରକୁ ସଫାସୁତୁରା କରିବା ପାଇଁ ବ୍ୟବହାର କରାଯାଉଥିବା ଝାଡୁରେ ମା’ଲକ୍ଷ୍ମୀ ବାସ କରିଥାଆନ୍ତି ବୋଲି ମାନ୍ୟତା ରହିଛି। ତେଣୁ ଶାସ୍ତ୍ରରେ ଝାଡୁକୁ ନେଇ ଅନେକ ନିୟମ ମଧ୍ୟ ବର୍ଣ୍ଣନା କରାଯାଇଛି। ଝାଡୁ ସହ ଜଡିତ କିଛି ନିୟମ ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ। ଏହି ନିୟମର ପାଳନ କରିବା ଦ୍ୱାରା ଆର୍ଥିକ କ୍ଷେତ୍ରରେ ଥିବା ସମସ୍ୟା ଦୂର ହୋଇ ଧନଲାଭ ହୋଇଥାଏ।

ଝାଡୁ କିଣିବା ପୂର୍ବରୁ କିମ୍ବା ଫୋପାଡିବା ପୂର୍ବରୁ ବାରର ଗୁରୁତ୍ୱ ରହିଛି। ଝାଡୁ ସହ ଜଡିତ ନିୟମର ପାଳନ କରିବା ଦ୍ୱାରା ଧନପ୍ରାପ୍ତି ହୋଇଥାଏ ବୋଲି କୁହାଯାଏ। ଜାଣନ୍ତୁ..

ପୁରୁଣା ଝାଡୁକୁ କଦାପି ଗୁରୁବାର କିମ୍ବା ଶୁକ୍ରବାର ଏହାକୁ ଫିଙ୍ଗିବା ଉଚିତ ନୁହେଁ। ଏହି ଦିନ ମା’ଲକ୍ଷ୍ମୀ ଓ ଭଗବାନ ବିଷ୍ଣୁଙ୍କୁ ସମର୍ପିତ। ଏହିଦିନ ଝାଡୁକୁ ବାହାରେ ଫିଙ୍ଗିବା ଦ୍ୱାରା ମା’ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇ ଥାଆନ୍ତି। ଝାଡୁରେ କଦାପି ଗୋଡ ମାରନ୍ତୁ ନାହ।ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଝାଡୁ କିଣିବା ପାଇଁ ମଙ୍ଗଳବାର ଓ ଶନିବାର ଦିନ ଖୁବ ଶୁଭୟ ଏହାଦ୍ୱାରା ବ୍ୟକ୍ତିଙ୍କ ଆର୍ଥିକ ସ୍ଥିତିରେ ଶୁଭ ପରିବର୍ତ୍ତନ ହୋଇଥାଏୟ ଘରେ ସମ୍ପନ୍ନତା ଆସିଥାଏ। ମା’ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ହୋଇଥାଏ। କୃଷ୍ଣପକ୍ଷରେ ଝାଡୁ କିଣିବା ଶୁଭଙ୍କର ବୋଲି କୁହାଯାଏ।

ଝାଡୁକୁ ସର୍ବଦା ଏପରି ସ୍ଥାନରେ ରଖନ୍ତୁ,ଯେପରି ଏହା ଉପରେ କାହାରି ନଜର ପଡିବ ନାହିଁ। ଝାଡୁକୁ ଭୁଲରେ ମଧ୍ୟ ଖଟ ତଳେ ରଖନ୍ତୁ ନାହ। ସୂର୍ଯ୍ୟାସ୍ତ ପରେ ଘରେ କଦାପି ଝାଡୁ କରନ୍ତୁ ନାହିଁ। ଏହାଦ୍ୱାରା ମା’ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇ ଥାଆନ୍ତି।

ଶରୀରରେ ରକ୍ତ ଅଭାବକୁ ଦୂର କରେ କିସମିସ୍

ଶରୀରରେ ହେମୋଗ୍ଲୋବିନର ପରିମାଣ କମ୍ ହେଲେ, ବ୍ୟକ୍ତିକୁ ଅନେକ ରୋଗ ଘେରି ରହିଥାଏ। କିଡନୀ ସହିତ ଜଡିତ ଅଧିକାଂଶ ରୋଗ ରକ୍ତ ଅଭାବରୁ ହୋଇଥାଏ। ଯଦି ଆପଣଙ୍କ ଶରୀରରେ ମଧ୍ୟ ରକ୍ତ ଅଭାବ ଥାଏ, ତେବେ ରକ୍ତ ବଢାଇବା ପାଇଁ ଆପଣ କେବଳ ଔଷଧ ବ୍ୟବହାର କରିବା ଜରୁରୀ ନୁହେଁ । ଆପଣ କିଛି ଘରୋଇ ଉପଚାରକୁ ଆପଣେଇ ଶରୀରରେ ହେମୋଗ୍ଲୋବିନର ଅଭାବକୁ ମଧ୍ୟ ସଂପୂର୍ଣ୍ଣ କରିପାରିବେ। ଏପରି ଏକ ପ୍ରଭାବଶାଳୀ ଉପଚାର ହେଉଛି ଭିଜା ହୋଇଥିବା କିସମିସ୍। ଭିଜା ହୋଇଥିବା କିସମିସରେ ଆଇରନ୍, ପୋଟାସିୟମ, କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ ଫାଇବର ଭରପୂର ମାତ୍ରାରେ ଥାଏ। ଏହାକୁ ନିୟମିତ ଖାଇବା ଦ୍ୱାରା ଶରୀରରେ ରକ୍ତ ପରିମାଣ ବଢିଥାଏ ଏବଂ ରକ୍ତହୀନତା ଦୂର ହୋଇଥାଏ। ଏଥିପାଇଁ ଆପଣ ପ୍ରତିଦିନ ରାତିରେ ୫୦ ଗ୍ରାମ କିସମିସକୁ ଭିଜାଇ ଦିଅନ୍ତୁ। ସକାଳେ ଉଠିବା ପରେ ପ୍ରଥମେ କିସମିସ୍ ପାଣି ପିଅନ୍ତୁ ଏବଂ ପରେ କିସମିସ୍ ଖାଆନ୍ତୁ। ଭିଜାଇଥିବା କିସମିସ୍ ସହିତ ଏହାର ଜଳ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଲାଭଦାୟକ ହୋଇଥାଏ।

ଭିଜା ହୋଇଥିବା କିସମିସ୍ ଖାଇବାର ଫାଇଦା :

(୧): ଭିଜା ହୋଇଥିବା କିସମିସ୍ ଫାଇବରରେ ଭରପୂର ହୋଇଥାଏ, ଏହାକୁ ନିୟମିତ ଖାଇବା ଦ୍ୱାରା ହଜମ ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ।

(୨): ଭିଜା ହୋଇଥିବା କିସମିସ୍ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରେ। ଏହା ଜୀବାଣୁ ଏବଂ ସଂକ୍ରମଣ ସହିତ ଲଢିବାରେ ମଧ୍ୟ ସାହାଯ୍ୟ କରିଥାଏ।

(୩): ଦାନ୍ତ ଏବଂ ହାଡକୁ ଶକ୍ତିଶାଳୀ ରଖିବା ପାଇଁ କ୍ୟାଲସିୟମ ଆବଶ୍ୟକ। ତେଣୁ କିସମିସ୍ ଦାନ୍ତ ଏବଂ ହାଡ ପାଇଁ ମଧ୍ୟ ଖାଇପାରିବେ। ୧୦୦ ଗ୍ରାମ୍ କିସମିସ୍ ଭିତରେ ପ୍ରାୟ ୫୦ ମିଗ୍ରା କ୍ୟାଲସିୟମ୍ ଥାଏ। ଯାହା ଆପଣଙ୍କ ଦାନ୍ତ ଏବଂ ହାଡକୁ ଶକ୍ତିଶାଳୀ କରିବା ପାଇଁ କାମ କରେ।

(୪): କିସମିସ୍ ଖାଇବା ଦ୍ୱାରା ପାଟିରୁ ଆସୁଥିବା ଗନ୍ଧ ମଧ୍ୟ ଦୂର ହୋଇଥାଏ।

(୪): ଯଦି ଆପଣଙ୍କର ଓଜନ ବୃଦ୍ଧି ହେଉନାହିଁ, ତେବେ ଭିଜାଇଥିବା କିସମିସ୍ ଖାଆନ୍ତୁ। ଏହାକୁ ଖାଇବା ଦ୍ୱାରା ସହଜରେ ଓଜନ ବୃଦ୍ଧି ହୋଇଥାଏ।

କର୍କଟ ରୋଗରୁ ଦୂରେଇ ରଖିଥାଏ କାଙ୍କଡ



ବର୍ଷା ଦିନରେ କାଙ୍କଡ ମିଳିଥାଏ। ଏହି ପରିବା ସ୍ୱାସ୍ଥ୍ୟ ପାଇଁ ବେଶ ଉପକାରୀ। ବର୍ଷା ଦିନେ ମିଳୁଥିବା ଏହି ପରିବାକୁ ନିଜ ଖାଦ୍ୟରେ ନିଶ୍ଚୟ ସାମିଲ କରନ୍ତୁ। ପୋଷକତତ୍ତ୍ୱ□ରେ ଭରପୁର କାଙ୍କଡ ଶରୀରକୁ ଅନେକ ରୋଗରୁ ରକ୍ଷା କରିଥାଏ। ଏଥିରେ ଫାଇବର,ଭିଟାମିନ ବି ୬ ଆଦି ପର୍ଯ୍ୟାପ୍ତ ପରିମାଣରେ ରହିଛି। ଜାଣନ୍ତୁ କାଙ୍କଡ ଖାଇଲେ କି କି ଲାଭ ମିଳେ..

କାଙ୍କଡରେ ଭିଟାମିନ ସି ପର୍ଯ୍ୟାପ୍ତ ମାତ୍ରାରେ ରହିଛି। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୂତ କରିବାରେ ସହାୟକ ହୋଇଥାଏ। ଫଳରେ ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ। ଏହି ପରିବାରେ ଫାଇବର, ଭିଟାମିନ୍ ବି୬ ଆଦି ପୋଷକତତ୍ତ୍ୱ ଭରପୁର ମାତ୍ରାରେ ରହିଛି।ଏହି ପରିବାକୁ ନିଜ ଖାଦ୍ୟରେ ସାମିଲ କରିବା ଦ୍ୱାରା ପାଚନ ଜନିତ ସମସ୍ୟା ଦୂର ହୋଇଥାଏ। ଶରୀରରେ କୋଲେଷ୍ଟେରୋଲ୍ ମାତ୍ରା ନିୟନ୍ତ୍ରଣ ହୋଇ ରହିଥାଏ।

କାଙ୍କଡରେ ଆଣ୍ଟି-ଅକ୍ସିଡାଣ୍ଟ ରହିଛି। ଯାହା ତ୍ୱଚାକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଏହା ବ୍ରଣ ଓ କୁଞ୍ଚନ ସମସ୍ୟାରୁ ରକ୍ଷା କରିଥାଏ।

ଯେଉଁ ମାନଙ୍କର ମଧୁମେହ ସମସ୍ୟା ରହିଛି,ସେମାନଙ୍କ ପାଇଁ କାଙ୍କଡ ବେଶ ଉପକାରୀ। ଏଥିରେ ଥିବା ଫାଇବର ରକ୍ତରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣ ରଖିଥାଏ। ମଧୁମେହ ରୋଗୀ ନିଜ ଖାଦ୍ୟରେ କାଙ୍କଡ ନିଶ୍ଚୟ ସାମିଲ କରନ୍ତୁ।

କାଙ୍କଡ ଓଜନ ହ୍ରାସ କରିବାରେ ବେଶ ସହାୟକ ହୋଇଥାଏ। ଏଥିରେ ଥିବା ଫାଇବର ଅଧିକ ସମୟ ଯାଏଁ ପେଟ ଭର୍ତ୍ତି କରି ରଖିଥାଏ। ଫଳରେ ବାରମ୍ବାର ଖାଦ୍ୟ ଖାଇବାକୁ ଇଚ୍ଛା ହୋଇନଥାଏ।

ନିୟମିତ ଭାବେ କାଙ୍କଡ ସେବନ କରିବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱ କର୍କଟ ରୋଗ ହେବାର ସମ୍ଭାବନାକୁ କମ୍ କରିଥାଏ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା
ଶୁକ୍ରବାର, ୨୮ ଫେବୃଆରୀ, ୨୦୨୫

୧୩ ବିମାନବନ୍ଦର ହେବ ଘରୋଇକରଣ

ଭୁବନେଶ୍ୱର,୨୭।୨ (ମହାଭାରତ): ଭୁବନେଶ୍ୱର ସମେତ ଖୁବ୍‌ଶୀଘ୍ର ଦେଶର ୧୩ ବିମାନବନ୍ଦରର ହେବ ଘରୋଇକରଣୟ ଏଥିପାଇଁ ଜୋର୍ଦାର ପ୍ରସ୍ତୁତି ଚାଲିଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ଅ।ସେଟ୍ ମୁଦ୍ରୀକରଣ ମାଧ୍ୟମରେ ରାଜସ୍ୱ ବଢାଇବା ହେଉଛି ସରକାରଙ୍କ ଲକ୍ଷ୍ୟ। ଏହି କ୍ରମରେ ୧୩ ବିମାନବନ୍ଦରର ଘରୋଇକରଣ ପ୍ରକ୍ରିୟାକୁ ପୁନଃ ଅ।ରମ୍ଭ କରାଯାଇଛି। ବିମାନବନ୍ଦରଗୁଡ଼ିକୁ ଘରୋଇ କମ୍ପାନିଗୁଡ଼ିକୁ ଲିଜ୍ରେ ଦେବା ଦ୍ୱାରା ବିମାନବନ୍ଦରଗୁଡ଼ିକର ମ୍ୟାନେଜମେଣ୍ଟଦ୍ୟତ୍ର ହେବ। ଘରୋଇ କ୍ଷେତ୍ରର କାର୍ଯ୍ୟକୁଶଳତାର ବ୍ୟବହାର ହୋଇପାରିବ। ବିମାନବନ୍ଦର ଭିତ୍ତିଭୂମି ଏବଂ ସୁବିଧା ବିବା ଦ୍ୱାରା ଯାତ୍ରୀ ଉପକୃତ ହେବେୟ ସେମାନଙ୍କୁ ଉତ୍ତମ ସେବା ମିଳିବ।

ପ୍ରଥମ ଥର ପାଇଁ କେନ୍ଦ୍ର ସରକାର ଘରୋଇକରଣ ପ୍ରକ୍ରିୟା ନିମନ୍ତେ ୭ ଛୋଟ ବିମାନବନ୍ଦରକୁ ୬ଟି ବଡ଼ ବିମାନବନ୍ଦର ସହିତ କ୍ଲବ୍ କରିଛନ୍ତି। ଏଥିସହିତ ବାରାଣାସିକୁ କୁଶିନଗର ଏବଂ ଗୟା ସହିତ, ଅମ୍ରିତସରକୁ କାଙ୍ଗ୍ରା ସହିତ, ଭୁବନେଶ୍ୱରକୁ ତିରୁପତି ସହ, ରାୟପୁରକୁ ଔରଙ୍ଗାବାଦ ସହ, ଇନ୍ଦୋରକୁ ଜବଲପୁର ସହିତ ଏବଂ ତିରୁଚିରାପଲ୍ଲୀକୁ ହୁବୁଲି ସହ ଯୋଡ଼ାଯାଇଛି। ପ୍ରକ୍ରିୟା ସହ ଜଡ଼ିତ ଅଧିକାରୀମାନେ ସୂଚନା ଦେଇଛନ୍ତି ଯେ, ଏହି ବିମାନବନ୍ଦରଗୁଡ଼ିକର ଘରୋଇକରଣ ଉପରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଅ।ନ୍ତଃ-ମନ୍ତ୍ରୀସ୍ତରୀୟ ପରାମର୍ଶ ନୋଟ୍ ଜାରି କରିଛି। ୨୦୨୫-୨୬ ଅ।ର୍ଥିକବର୍ଷ ଶେଷ ସୁଦ୍ଧା ଘରୋଇକରଣ ପ୍ରକ୍ରିୟା ଶେଷ କରିବାକୁ ସରକାର ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ନ୍ୟାସ୍ନାଲ ମନେଟାଇଜେସନ୍ ପାଇପ୍ଲାଇନ୍(ଏନ୍‌ଏମ୍ପି) ଅଧୀନରେ ୨୦୨୨-୨୦୨୫ ମଧ୍ୟରେ ୨୫ଟି ବିମାନବନ୍ଦରକୁ ଲିଜରେ ଦେବା ପାଇଁ ଚିହ୍ନଟ କରାଯାଇଥିଲା। ୨୦୨୧ରେ ବିଜେପି ସରକାରଙ୍କ ଅଧୀନରେ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ(ଏଏଅ।ଇ) ବୋର୍ଡ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ବିମାନବନ୍ଦର ଘରୋଇକରଣ ଲାଗି ୧୩ଟି ବିମାନବନ୍ଦରକୁ ଚୟନ କରାଯାଇଥିଲା। ଏହା ପରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଏକ କ୍ୟାବିନେଟ୍ ଚିଠା ପ୍ରସ୍ତୁତ କରିଥିଲା। ତେବେ ମଧ୍ୟପ୍ରଦେଶ ସରକାର ରାୟପୁର ଏବଂ ଇନ୍ଦୋର ବିମାନବନ୍ଦରର ଘରୋଇକରଣକୁ ବିରୋଧ କରିବା ଫଳରେ ଏହି ତାଲିକା ୧୧କୁ ଖସିଯାଇଥିଲା।

୩ ଲୁଟେରାଙ୍କ ଠାରୁ ୧୨ ବାଇକ୍ ଜବତ

ଭୁବନେଶ୍ୱର,୨୭।୨ (ମହାଭାରତ): ରାଜଧାନୀରୁ ବାଇକ୍ ଲୁଟ୍ କରୁଥିବା ଗ୍ୟାଙ୍ଗ ସବୁକୁ ବାନ୍ଧିବା ଲାଗି ଚାଲିଥିବା କମିସନରେଟ୍ ପୁଲିସର ସ୍ୱତନ୍ତ୍ର ଅଭିଯାନ ବଳରେ ପୁଣି ୩ଜଣ ଧରାପଡ଼ିଛନ୍ତି। ଲିଙ୍ଗରାଜ ଥାନା ପୁଲିସ କୋର୍ଟ ଚାଲାଣ କରିଥିବା ଏହି ତିନିଜଣିଆ। ଗ୍ୟାଙ୍ଗକୁ ଗଞ୍ଜାମରୁ ଠାବ କରାଯାଇଛି। ସେମାନେ ହେଲେ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଅଞ୍ଚଳର କୃଷ୍ଣଚନ୍ଦ୍ର ସାହୁ(୨୭), ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳର ନୀଳାଞ୍ଚଳ ଦିହୁଡ଼ି(୩୩) ଓ ତାରାସିଂ ଥାନା ଅଞ୍ଚଳର ଗଙ୍ଗାଧର ଜାନୀ ଓରଫ ବାୟା(୨୬)।ଏହି ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ କୃଷ୍ଣର ସ୍ତ୍ରୀ ସାମିଲ ଥିବା ଜଣାପଡ଼ିଥିଲେ ହେଁ ସେ ଅନ୍ତଃସତ୍ତ୍ୱା ଥିବାରୁ ଗିରଫଦାରୀରୁ ବର୍ତ୍ତିଯାଇଛି। ପୁଲିସ ସେମାନଙ୍କଠାରୁ ୧୨ଟି ବାଇକ୍, ଜାଲ୍ ନମ୍ବର ପ୍ଲେଟ, ଜାଲ୍ ଅ।ର୍ସି ଓ ପୁଳାଏ ନକଲି ଚାବି ଜବତ କରିଛି। ଅ।ଜି ପୁଲିସ ସେବାଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡିସିପି ପିନାକ ମିଶ୍ର ଏହି ଗ୍ୟାଙ୍ଗ୍ ବାବଦରେ ବିସ୍ତୃତ ସୂଚନା ଦେଇଛନ୍ତି।

କିଛ ବର୍ଷ ହେବ ଏହି ତନଜଣିଆ। ଗ୍ୟାଙ୍ଗ୍ ଲିଙ୍ଗରାଜ, କ୍ୟାପିଟାଲ୍, ଖଣ୍ଡଗିରି, ଖାରବେଳନଗର, ଇନଫୋସିଟି ଅ।ଦି ଥାନା ଅଞ୍ଚଳରୁ ବାଇକ୍ ଚୋରି କରୁଥିଲେ। ବିଶେଷକରି ସେମାନେ ପାର୍କ, ମନ୍ଦିର, ହସ୍ପିଟାଲ୍ ପରିସର, ମାର୍କେଟ ଭଳି ଜନଗହଳିପୂର୍ଣ୍ଣ ସ୍ଥାନକୁ ଟାର୍ଗେଟ୍ କରୁଥିଲେ ଏବଂ ସେଠାରେ ଛକି ରହୁଥିଲେ। ନକଲି ଚାବି ବଳରେ ବାଇକ୍ ନେଇ ସେଠାରୁ ଚମ୍ପଟ ମାରିବା ପରେ କିଛି ଦୂରରେ ନମ୍ବର ପ୍ଲେଟ୍ ବଦଳାଇ ଦେଉଥିଲେ ଏବଂ ରାଜଧାନୀରୁ ବାଇକ୍ ନେଇ ପାର୍ ହୋଇଯାଉଥିଲେ। ଅନେକ ସମୟରେ ସେମାନେ ବାଇକକୁ ଉଠାଇବା ପରେ ଅନ୍ୟ ପାର୍କିଂରେ ରଖୁଥିଲେ ଏବଂ ସୁବିଧା ଦେଖି ସେଠାରୁ ବାଇକ୍ ନେଉଥିଲେ। ଜାନୁଅ।ରି ୩୦ ତାରିଖ ସନ୍ଧ୍ୟା ପାଖାପାଖି ୭ଟା ସମୟରେ ନିହାର ରଂଜନ ନାୟକ ଲିଙ୍ଗରାଜ ହାଟ ନିକଟରେ ବାଇକ୍ ରଖି ମନ୍ଦିର ଯାଇଥିଲେ। ଫେରିବା ବେଳକୁ ସେଠାରେ ବାଇକ୍ ନଥିଲା। ଅଭିଯୋଗ ପାଇ ଲିଙ୍ଗରାଜ ଥାନା ପୁଲିସ ମାମଲା ରୁଜୁ କରିଥିଲା। ଅ।ଖପାଖ ଅଞ୍ଚଳର ସିସିଟିଭି ଯାଞ୍ଚ କରିବା ପରେ ପୁଲିସ ଲୁଟେରାଙ୍କୁ ଚିହ୍ନଟ କରିଥିଲା ଏବଂ ନିହାରଙ୍କ ବାଇକ୍ ଏକ ପାର୍କିଂରେ ଥିବା ଜାଣିବାକୁ ପାଇଥିଲା। ତେଣୁ ସେମାନଙ୍କୁ ଧରିବା ପାଇଁ ସ୍ପେସାଲ୍ ସ୍କ୍ୱାଡ୍ ଓ ଲିଙ୍ଗରାଜ ଥାନା ପୁଲିସ ଜାଲ ବିଛାଇଥିଲା। ଗତକାଲି ଅପରାହ୍ନ ୩ଟା ସମୟରେ ବାଇକଟିକୁ ନେବା ପାଇଁ କୃଷ୍ଣଚନ୍ଦ୍ର ପାର୍କିଂରେ ପହଞ୍ଚିଥିଲା। ସେ ବାଇକଟିକୁ ନେବା ବେଳେ ସାଦା ପୋଷାକରେ ଥିବା ପୁଲିସ କର୍ମଚାରୀ ତାକୁ କାବୁ କରିନେଇଥିଲେ। ମାଷ୍ଟରମାଇଣ୍ଡ କୃଷ୍ଣକୁ ବାନ୍ଧିବା ପରେ ତା'ର ସହଯୋଗୀ ନୀଳାଞ୍ଚଳ ଓ ବାୟାକୁ ଗିରଫ କରାଯାଇଥିଲା। ରାଜଧାନୀରୁ ଚୋରି ହୋଇଥିବା ବାଇକ୍ ଗୁଡ଼ିକୁ ଗଞ୍ଜାମ ଜିଲ୍ଲାର ଗ୍ରାମାଞ୍ଚଳରେ ବିକ୍ରି କରାଯାଉଥିଲା। ଗ୍ରାହକ ଯୋଗାଡ଼ କରୁଥିଲେ ବାୟା ଓ ନୀଳାଞ୍ଚଳୟ ବାଇକ୍ ପିଛା ୫ରୁ ୭ ହଜାର ଟଙ୍କାରେ ବିକ୍ରି କରାଯାଉଥିଲା।

ସେମିକଣ୍ଡକ୍ଟର ଚିପ୍ ଉତ୍ପାଦନ ପାଇଁ ଭାରତ ପ୍ରସ୍ତୁତ

ଭୁବନେଶ୍ୱର,୨୭।୨ (ମହାଭାରତ): କେନ୍ଦ୍ର ରେଳ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭୋପାଳରେ ଅ।ୟୋଜିତ 'ବିଶ୍ୱ ନିବେଶକ ସମ୍ମିଳନୀ ୨୦୨୫' ର ଦ୍ୱିତୀୟ ଦିନରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗ ଦେଇଛନ୍ତି। ଏହି ଅବସରରେ ଅଶ୍ୱିନୀ ବୈଷ୍ଣବ ମହାଶିବରାତ୍ରି ଉପଲକ୍ଷେ ନୂତନ ବୃକ୍ଷରୋପଣ ପାଇଁ ଏଚଏଲବିଏସ ପରିବାରକୁ ଅଭିନନ୍ଦନ ଜଣାଇଥିଲେ। ସେ ଏହା ମଧ୍ୟ ଘୋଷଣା କରିଥିଲେ ଯେ ୨୦୨୫ ସୁଦ୍ଧା ପ୍ରଥମ 'ମେଡ ଇନ ଇଣ୍ଡିଆ' ସେମିକଣ୍ଡକ୍ଟର ଚିପ୍ ଉତ୍ପାଦନ ପାଇଁ ପ୍ରସ୍ତୁତ ହୋଇଯିବ।

ଏହି ମାଇଲଖୁଣ୍ଟ ହାସଲ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ବୈଷ୍ଣବ ସ୍ୱୀକାର କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ମଧ୍ୟପ୍ରଦେଶରେ ଇଲେକ୍ଟ୍ରୋନିକ୍ ଉତ୍ପାଦନ ଉଲ୍ଲେଖନୀୟ ଗତି ହାସଲ କରିଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦୁଇଟି ଇଲେକ୍ଟ୍ରୋନିକ୍ ଉତ୍ପାଦନ କ୍ଲଷ୍ଟରକୁ ଅନୁମୋଦନ କରାଯାଇଛି, ଗୋଟିଏ ଭୋପାଳରେ ଏବଂ ଅନ୍ୟଟି ଜବଲପୁରରେ। ବର୍ତ୍ତମାନ ରାଜ୍ୟରେ ୮୫ଟି କମ୍ପାନୀ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ସକ୍ରିୟ ଭାବେ ନିୟୋଜିତ ଅଛନ୍ତି, ଯାହା ଉଭୟ ସରକାରଙ୍କ ପାଇଁ ଏକ ବଡ଼ ସଫଳତା। କେନ୍ଦ୍ର ମନ୍ତ୍ରୀ ମଧ୍ୟ ମଧ୍ୟପ୍ରଦେଶରେ ଭବିଷ୍ୟତ ଦକ୍ଷତା କାର୍ଯ୍ୟକ୍ରମ ଅଧୀନରେ ୨୦,୦୦୦ ଇଞ୍ଜିନିୟରଙ୍କ ତାଲିମ ଘୋଷଣା କରି ବୈଷୟିକ ପ୍ରଗତି ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଅ।ଲୋକପାତ କରିଥିଲେ। ବିଗତ ଦଶନ୍ଧି ମଧ୍ୟରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି, ଯାହାର ମୂଲ୍ୟ ୧୦ ଲକ୍ଷ କୋଟି ଟଙ୍କା ହୋଇଛି। ଭାରତ ବର୍ତ୍ତମାନ ମୋବାଇଲ୍ (୪ ଲକ୍ଷ କୋଟି ଟଙ୍କା); ଲାପଟପସ୍, ସର୍ଭର୍, ଟେଲିକମ୍ ଉପକରଣ (୭୫,୦୦୦ କୋଟି ଟଙ୍କା) ଏବଂ ପ୍ରତିରକ୍ଷା ଏବଂ ମେଡିକାଲ୍ ଇଲେକ୍ଟ୍ରୋନିକ୍ସ ସମେତ ୫ ଲକ୍ଷ କୋଟି ଟଙ୍କାର ଇଲେକ୍ଟ୍ରୋନିକ୍ସ ରପ୍ତାନି କରୁଛି। ରପ୍ତାନୀ କରାଯାଉଥିବା ୩ଟି ପ୍ରମୁଖ ସାମଗ୍ରୀ ମଧ୍ୟରେ ଇଲେକ୍ଟ୍ରୋନିକ୍ସ ଅନ୍ୟତମ।

ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି କରିଛି, ଯେଉଁଥିରେ ଏକକାଳୀନ ପାଞ୍ଚଟି ୟୁନିଟ୍ ନିର୍ମାଣାଧୀନ ରହିଛି। ପ୍ରଥମ 'ମେଡ୍ ଇନ୍ ଇଣ୍ଡିଆ।' ଚିପ୍ ୨୦୨୫ ସୁଦ୍ଧା ବାହାରିବ ବୋଲି ଅ।ଶା କରାଯାଉଛି। ପ୍ରତିଭାକୁ ଅ।ହୁରି ମଜବୁତ କରିବା ପାଇଁ ସରକାର ୮୫,୦୦୦ ଇଞ୍ଜିନିୟରଙ୍କୁ ଉନ୍ନତ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ତାଲିମ ଦେବା ପାଇଁ ଏକ କାର୍ଯ୍ୟକ୍ରମ ଅ।ରମ୍ଭ କରିଛନ୍ତି।

ଶ୍ରୀ ବୈଷ୍ଣବ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ପଷ୍ଟ ଦୂରଦୃଷ୍ଟି ଏବଂ ନେତୃତ୍ୱ ବିଷୟରେ ଅବଗତ କରାଇଥିଲେ ଏବଂ ଗୁରୁତ୍ୱାରୋପ କରିଥିଲେ ଯେ ସରକାରଙ୍କ ଅତୁଟ ପ୍ରତିବଦ୍ଧତା ଭାରତର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଶିଳ୍ପକୁ ନୂତନ ଉଚ୍ଚତାକୁ ନେଇ ଯାଇଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ସେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଯାଦବ ଏବଂ ମଧ୍ୟପ୍ରଦେଶର ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ମହାଶିବରାତ୍ରିର ଶୁଭ ଅବସରରେ ଶୁଭେଚ୍ଛା ଜଣାଇଥିଲେ।

ଗୋଟିଏ ଛାତ ତଳେ ଅ।ଇଟି ହାର୍ଡୱେର୍ ଏବଂ ଇଲେକ୍ଟ୍ରୋନିକ୍ ଉତ୍ପାଦ ଉତ୍ପାଦନ ପାଇଁ ଅତ୍ୟାଧୁନିକ ସୁବିଧା ସହିତ ସଜ୍ଜିତ ନୂତନ ଉଦଘାଟିତ ଅ।ଇଟି କ୍ୟାମ୍ପସ୍ ୧ ଲକ୍ଷ ବର୍ଗ ଫୁଟ ଅଞ୍ଚଳରେ ପରିବ୍ୟାପ୍ତ। ଏହି କାରଖାନା ସର୍ଭର, ଡେସ୍କଟପ, ମଦରବୋର୍ଡ, ଚେସିସ୍, ରାମ୍, ଏସ୍. ଏସ୍. ଡି., ଡ୍ରୋନ୍ ଏବଂ ରୋବୋଟ୍ ସମେତ ଅନ୍ୟାନ୍ୟ ଏଣ୍ଡ-ଟୁ-ଏଣ୍ଡ ଇଲେକ୍ଟ୍ରୋନିକ୍ ଉପକରଣ ଉତ୍ପାଦନ କରିବୟ ଅ।ଗାମୀ ଛଅ ବର୍ଷ ମଧ୍ୟରେ ଏହି କ୍ୟାମ୍ପସରେ ପାଖାପାଖି ୧୫୦ କୋଟି ଟଙ୍କାର ନିବେଶ ହେବା ସହିତ ପ୍ରାୟ ୧୨୦୦ ପେସାଦାରଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ। ଏହି ସୁବିଧା ଡେସ୍କଟପ୍ କମ୍ପ୍ୟୁଟର, ଅଲ୍-ଇନ୍-ୱାନ୍ ୱାର୍କଷ୍ଟେସନ୍, ଲାପଟପ୍, ଟାବଲେଟ୍ ଏବଂ ମନିଟର ମଧ୍ୟ ଉତ୍ପାଦନ କରିବ।

ବିଶ୍ୱ ନିବେଶକ ସମ୍ମିଳନୀର ପ୍ରଥମ ଦିନରେ କେନ୍ଦ୍ର ମନ୍ତ୍ରୀ ମଧ୍ୟ ମଧ୍ୟପ୍ରଦେଶରେ ଗୁରୁତ୍ୱପୂର୍ଣ୍ଣ ନିବେଶ ଘୋଷଣା କରିଥିଲେ। ଭାରତୀୟ ରେଳବାଇ ଏବଂ ମଧ୍ୟପ୍ରଦେଶ ସରକାର ଅକ୍ଷୟ ଶକ୍ତି ପ୍ରକଳ୍ପ ଉପରେ ରାଜିନାମା ସ୍ୱାକ୍ଷର କରିଛନ୍ତି, ଯାହା ସେମାନଙ୍କ ଭାଗିଦାରୀକୁ ଅ।ହୁରି ମଜବୁତ କରିଛି।

ତୀର୍ଥଯାତ୍ରୀଙ୍କ ପାଇଁ ୬୦ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୨୭।୨ (ମହାଭାରତ): ମାତ୍ର ୪୨ ଦିନରେ ୧୫,୦୦୦ରୁ ଅଧିକ ଟ୍ରେନ୍ ପରିଚାଳନା କରି ଭାରତୀୟ ରେଳବାଇ ଚଳିତ ମହାକୁମ୍ଭ ୨୦୨୫ ସମୟରେ ଏକ ଉଲ୍ଲେଖନୀୟ ରେକର୍ଡ ସୃଷ୍ଟି କରିଛି ଯାହା ପ୍ରାରମ୍ଭିକ ଲକ୍ଷ୍ୟ ୧୩,୫୦୦ ଟ୍ରେନ୍ ଅପେକ୍ଷା ବହୁତ ଅଧିକ। ଏହି ରେକର୍ଡ ଭାଙ୍ଗିବା କାର୍ଯ୍ୟରେ ସାରା ଦେଶରୁ ଯାତ୍ରା କରୁଥିବା ତୀର୍ଥଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ଉଦ୍ଦିଷ୍ଟ ଅନେକ ସ୍ୱତନ୍ତ୍ର ଟ୍ରେନ୍ ଅନ୍ତର୍ଭୁକ୍ତ ଯେଉଁଥିରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଅବଦାନ ମଧ୍ୟ ରହିଛି। ପୂର୍ବତଟ ରେଳପଥ ଓଡ଼ିଶାର ୨୫ଟି ପ୍ରମୁଖ ସହରରୁ ୬୦ଟି ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନା କରି ତୀର୍ଥଯାତ୍ରୀଙ୍କ ଯାତ୍ରାକୁ ସହଜ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଟ୍ରେନ୍ ଗୁଡ଼ିକ ପବିତ୍ର ପ୍ରୟାଗରାଜ ସହରରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର ସଙ୍ଗମରେ ସ୍ନାନ କରିବା ପାଇଁ ଯାତ୍ରା କରୁଥିବା ଭକ୍ତମାନଙ୍କୁ ସୁଗମ ସଂଯୋଗ ପ୍ରଦାନ କରିଛି ଯାହା ମହାକୁମ୍ଭ ସମୟରେ ଏକ ପ୍ରମୁଖ ରୀତି। ନିୟମିତ ଟ୍ରେନ୍ ସେବା ସହିତ ରେଳ ପ୍ରଶାସନ ସୁନିଶ୍ଚିତ କରିଥିଲା ଯେ ଓଡ଼ିଶାର ପ୍ରତ୍ୟେକ କୋଣରୁ ତୀର୍ଥଯାତ୍ରୀମାନେ ନିକଟବର୍ତ୍ତୀ ଅଂଚଳ ଏବଂ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରୁ ଟ୍ରେନ୍ ଚଢ଼ିପାରିବେ। ପୁରୀ, ଭୁବନେଶ୍ୱର, କଟକ, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ବାଲୁଗାଁ, ଯାଜପୁର କେଉଁଝର ରୋଡ୍, ଯଖପୁରା, ଭଦ୍ରକ, ବାଲେଶ୍ୱର, କେନ୍ଦୁଝରଗଡ଼, ଢେଙ୍କାନାଳ, ସମ୍ବଲପୁର, ରାୟଗଡ଼ା, ଟିଟିଲାଗଡ଼, ବଲାଙ୍ଗୀର ଏବଂ ଅନ୍ୟାନ୍ୟ ସହରଗୁଡ଼ିକୁ ସମର୍ପିତ ସ୍ୱତନ୍ତ୍ର ଟ୍ରେନ୍ ମାଧ୍ୟମରେ ପ୍ରୟାଗରାଜ ସହିତ ସଂଯୋଗ କରାଯାଇଥିଲା। ତୀର୍ଥଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ଅତିରିକ୍ତ ବ୍ୟବସ୍ଥା ମଧ୍ୟ କରିଥିଲା ଯେଉଁଥିରେ ପ୍ରୟାଗରାଜ ନିକଟରେ ଅତିରିକ୍ତ ରେକ୍ ରଖାଯାଇଥିଲା ଯାହାକୁ ଆବଶ୍ୟକତା ଅନୁସାରେ ବ୍ୟବହାର କରାଯାଇପାରିବ। କୁମ୍ଭ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ନାନ ତାରିଖ ମଧ୍ୟରୁ ମହା ଶିବରାତ୍ରି ସ୍ନାନ ପରେ ବିଶେଷ ବ୍ୟବସ୍ଥା କରାଯାଇଥିଲା ଯାହା ଲକ୍ଷ ଲକ୍ଷ ଭକ୍ତଙ୍କ ପାଇଁ ସୁଗମ ଯାତ୍ରା ସୁନିଶ୍ଚିତ କରିଥିଲା। ସ୍ୱତନ୍ତ୍ର ସେବା ସମେତ ୧୫,୦୦୦ ରୁ ଅଧିକ ଟ୍ରେନର ପରିଚାଳନା ଭାରତୀୟ ରେଳବାଇର ଅକ୍ଲାନ୍ତ ପ୍ରୟାସର ପ୍ରମାଣ ଯାହାକୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିଜେ ତଦାରଖ କରୁଥିଲେ। ରେଳବାଇ ବୋର୍ଡର ଅଧ୍ୟକ୍ଷ ଏବଂ ମୁଖ୍ୟ କାର୍ଯ୍ୟନ୍ୱାହୀ ଅଧିକାରୀ ସତୀଶ କୁମାର ମଧ୍ୟ ଏହି କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନକୁ ସକ୍ରିୟ ଭାବରେ ତଦାରଖ କରୁଥିଲେ।

ରାଷ୍ଟ୍ରୀୟ ମଜଦୁର କଂଗ୍ରେସକୁ ଦାୟିତ୍ୱ ଓ ଗୁରୁତ୍ୱ ଦିଆଯିବ

ଭୁବନେଶ୍ୱର,୨୭।୨ (ମହାଭାରତ): ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା ତରଫରୁ ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡଃ ରାମଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ପ୍ରତିନିଧିଦଳ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଭାରୀ ଅଜୟ କୁମାର ଲାଲ୍ଲୁ, ସମ୍ପାଦକ ଶାହାନାଜ୍ ଚୌଧୁରୀ ଓ ସହ ପ୍ରଭାରୀ ରୋଜାଲୀନ୍ ତିର୍କିଙ୍କୁ ଭେଟି ଶ୍ରମିକ ୪-ଲେବର କୋଡ୍ ପ୍ରତ୍ୟାହାର କରିବା, ଇ.ପି.ଏଫ୍‌ର ସର୍ବନିମ୍ନ ପେନସନ ୯୦୦୦ ଟଙ୍କା କରିବା, ସମସ୍ତ ଠିକା ଶ୍ରମିକଙ୍କୁ ସ୍ଥାୟୀ କରିବା, ଅଙ୍ଗନୱାଡ଼ି, ସ୍ୱାସ୍ଥ୍ୟକର୍ମୀ, ମିଶନଶକ୍ତି ଭଳି ସମସ୍ତ ସ୍କିମ୍ ସ୍ଥାୟୀ କରିବା, ଓଡ଼ିଶା ପ୍ରବାସୀ ଶ୍ରମିକ ସେମାନଙ୍କର ସମସ୍ୟା ସଂପର୍କରେ କଂଗ୍ରେସର ଲୋକସଭା ଓ ବିଧାନସଭା ସଭ୍ୟଙ୍କ ମାଧ୍ୟମରେ ସଂସଦରେ ଉଠାଇବା ଓ କଂଗ୍ରେସ କାର୍ଯ୍ୟକାରୀ କମିଟି, ଷ୍ଟିଅରିଂ କମିଟି, ନିର୍ବାଚନ କମିଟି, ଜିଲ୍ଲା କମିଟି ଓ ବ୍ଲକ କମିଟିରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କୁ ପ୍ରାଧାନ୍ୟ ଦେବା ପାଇଁ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ସମ୍ପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ପ୍ରଶାନ୍ତ ମହାପାତ୍ର, ଯୁଗ୍ମ ସାଧାରଣ ସଂପାଦକ ସତ୍ୟବ୍ରତ ନାୟକ, ସମ୍ପାଦକ-ଭୁବନ ବିହାରୀ ସାହୁ, ଯବାମଣି ଟୁଡୁ, ଘନ ସବର, ସନ୍ତୋଷ ଭୋଳ, ଭବାନୀ ଶଙ୍କର ଜେନା, ସିଲି ସେଠୀ, ଜୟକୃଷ୍ଣ ମାଲ୍ଲିଆ, ଚିନ୍ମୟ ସୁନ୍ଦର ଦାସ, ଧରଣିଧର ମହନ୍ତ ଓ ରଶ୍ମିରଞ୍ଜନ ପରିଡ଼ା ପ୍ରମୁଖ ଏହି ଆଲୋଚନାରେ ଭାଗ ନେଇଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କର୍ମୀମାନେ ସକ୍ରିୟ ଭାବେ କାର୍ଯ୍ୟ କଲେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସକୁ ଗୁରୁତ୍ୱ ଦିଆଯିବ ବୋଲି ଅଜୟ ଲଲ୍ଲୁ କହିଛନ୍ତି।

ସୁଭଦ୍ରା ଶକ୍ତି ମେଳାରେ ୧ କୋଟିର ବ୍ୟବସାୟ

ଭୁବନେଶ୍ୱର,୨୭।୨ (ମହାଭାରତ): ଭୁବନେଶ୍ୱର ଜନତା ମଇଦାନ ଠାରେ ଆୟୋଜିତ ହେଉଥିବା ସୁଭଦ୍ରା ଶକ୍ତି ମେଳା ୨୦୨୫, ଚତୁର୍ଥ ଦିନରେ ମଧ୍ୟ ଦର୍ଶକମାନଙ୍କୁ ମୁଗ୍ଧ କରିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୩୦୦ରୁ ଅଧିକ

କଳା ସମ୍ପତ୍ତି

ସବୁଠାରୁ ବଡ଼ କଥା ହେଲା ଯେଉଁମାନେ ଦୁର୍ନୀତି ଅଭିଯୋଗରେ ଧରାପଡୁଛନ୍ତି ସେମାନଙ୍କ ମଧ୍ୟରୁ ଖୁବ କମ ବ୍ୟକ୍ତି ଉଚ୍ଚପଦସ୍ଥ। ଆଇଏଏସ, ଆଇପିଏସ ଅଫିସର କ୍ୱଚିତ ଭିଜିଲାନ୍ସ ଜାଲରେ ପଡୁଛନ୍ତି। ଅଧିକାଂଶ କ୍ଷେତ୍ରରେ ଦ୍ୱିତୀୟ ବା ତୃତୀୟ ଶ୍ରେଣୀ କର୍ମଚାରୀ ବା ଜୁନିୟର ପ୍ରଥମ ଶ୍ରେଣୀ ପାହ୍ୟାର ଅଫିସର ଧରାପଡୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୁର୍ନୀତି ନିବାରଣ ପାଇଁ ଏତେ ପଦକ୍ଷେପ, ଅଭିଯାନ ସତ୍ତ୍ୱେ ଦୁର୍ନୀତି ଲୋପ ପାଇବା ଦୂରର କଥା ଏହା ହ୍ରାସ ପାଇବାର ମଧ୍ୟ ସଙ୍କେତ ମିଳୁନି। ପ୍ରତି ସ୍ତରରେ ଦୁର୍ନୀତି ଚାଲିଛି। ଯିଏ ଯେଉଁଠି ପାରିଲା ରାଜକୋଷକୁ ଲୁଟ କରୁଛନ୍ତି। ଆଉ ସାଧାରଣ ଲୋକଟିଏ ସରକାରୀ ଅଫିସକୁ କୌଣସି କାମରେ ଗଲେ ଲାଞ୍ଚ ନଦେଲେ ତାଙ୍କ କାମ ହେଉନି। ଦୁର୍ନୀତି ଯୋଗୁ ସାଧାରଣ ଲୋକଟିଏ ଶୋଷଣର ଶିକାର ହେଉଛି। ତହସିଲ ଅଫିସଠାରୁ ଆରମ୍ଭ କରି ବିଡିଓ, କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି। ବିଭିନ୍ନ ଇଞ୍ଜିନିୟରିଂ ବିଭାଗ ଦୁର୍ନୀତିରେ ବୁଡ଼ି ରହିଛନ୍ତି। ଗୋଟିଏ ରାସ୍ତା ପାଇଁ କୋଟିଏ ଟଙ୍କା ଖର୍ଚ୍ଚ ହେଲେ କଣ୍ଟ୍ରାକ୍ଟର ବିଲ ହେଉଛି ୫ କୋଟି ଟଙ୍କା। କଣ୍ଟ୍ରାକ୍ଟର ନିଜ ଲାଭ ବାଦ ମୂଳରୁ ଚୁଳ ପର୍ଯ୍ୟନ୍ତ ସବୁଠି ପିସି ଦେଉଛନ୍ତି। ଗରିବ ଲୋକଙ୍କ ଟିକସ ଅର୍ଥକୁ ଏପରି ଭାବେ ଲୁଟ କରାଯାଉଛି। ଆଉ ଦୁର୍ନୀତି ଯୋଗୁ କାମ ବି ନିମ୍ନମାନର ହେଉଛି। ପୁଣି ବର୍ଷେ ଦୁଇ ବର୍ଷ ପରେ ସେହି କାମ ପାଇଁ ଟେଣ୍ଡର ଡକାଯାଉଛି। ଏହା ହେଉଛି ଆମ ଶାସନ ବ୍ୟବସ୍ଥା। ବ୍ୟବସ୍ଥାରେ ଏତେ ତ୍ରୁଟି ରହିଛି ଯେ, ଏହାକୁ ସୁଧାରିବା ସମ୍ଭବ ହେଉନି। ନିକଟରେ ମାଲକାନଗିରି ଜିଲ୍ଲାର ଜଣେ ପିଡି ଭିଜିଲାନ୍ସ ଜାଲରେ ପଡ଼ିଛି। ଚଢ଼ଉ ବେଳେ ତାଙ୍କ ନିକଟରେ ନଗଦ ପ୍ରାୟ ୨ କୋଟି ଟଙ୍କା ଏବଂ ବିପୁଳ ପରିମାଣର ସୁନା ତଥା ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଜଣେ ସାଧାରଣ ସରକାରୀ କର୍ମଚାରୀଙ୍କ ନିକଟରେ ଏତେ ସମ୍ପତ୍ତି କିପରି ଆସିଲେ ତାହା ନିଶ୍ଚିତ ଭାବେ ବଡ଼ ପ୍ରଶ୍ନବାଚୀ। ଦୁର୍ନୀତିପୂର୍ଣ୍ଣ ଉପାୟରେ ସେ କଳା ଟଙ୍କାର ପାହାଡ଼ ସୃଷ୍ଟି କରିଛନ୍ତି। ଆଉ ଅନେକ ବର୍ଷ ହେବ ସେ ବେଶ ଅୟସରେ ଜୀବନ ବିତାଇଥିବେ। କୋଟି କୋଟି ଟଙ୍କା ବିଳାସ ବ୍ୟସନରେ ବ୍ୟୟ କରିଥିବେ। ଏହା ବାଦ ଏତେ ଟଙ୍କା ପାଖରେ ରଖିଛନ୍ତି। ତାହା ପୁଣି ନଗଦ ଟଙ୍କା ଆକାରରେ। ତାଙ୍କ ନିକଟରୁ ଜବତ ହୋଇଥିବା ସୁନା ମୂଲ୍ୟ ମଧ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କା ହେବ। ଘର ଏବଂ ଜମି ମୂଲ୍ୟ ପ୍ରାୟ ୫ କୋଟି ଟଙ୍କା ହେବ। ଏଥିରେ ତାଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଛି। କିନ୍ତୁ ଏସବୁ ଉପରଠାଉରିଆ କାର୍ଯ୍ୟାନୁଷ୍ଠାନ। କିଛି ଦିନ ପରେ ଲୋକେ ସବୁ ଭୁଲିଯିବେ। କୋର୍ଟରେ ଭଲ ଓକିଲ ଲଗାଇ ଅଭିଯୁକ୍ତ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବେ। ଏହା ଏକ ଗତାନୁଗତିକ ଧାରା ପାଲଟିଗଲାଣି। ଦୁର୍ନୀତି ବିରୋଧରେ ଏପରି ଅଭିଯାନ ସତ୍ତ୍ୱେ ଏହା କାହିଁକି ବନ୍ଦ ହେଉନି ? ଏହାର କାରଣ ହେଲା କୋହଳ ଦଣ୍ଡ ବ୍ୟବସ୍ଥା ବା ଆଇନର ଫାଙ୍କ ଦେଇ ଖସିଯିବାର ସୁଯୋଗ। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠାରେ ଆଇନର ଶାସନ ଚାଲେ। ଯଦି ଚୀନ ଭଳି ଏଠାରେ ଦୁର୍ନୀତିଗ୍ରସ୍ତଙ୍କ ପ୍ରତି କଠୋର ଦଣ୍ଡ ବିଧାନ ହୁଅନ୍ତା ତେବେ କିଛିଟା ପ୍ରଭାବ ପଡ଼ନ୍ତା। କିନ୍ତୁ ଆମ ଦେଶରେ ଏହା ସମ୍ଭବ ନୁହେଁ। କାରଣ ଏଠାରେ ମାନବାଧିକାର ସୁରକ୍ଷାକୁ ପ୍ରାଥମିକତା ଦିଆଯାଏ। ହଜାରେ ଦୋଷୀ ପଛେ ଖସିଯାଆନ୍ତୁ ଜଣେ ନିର୍ଦ୍ଦୋଷ ଯେପରି ଦଣ୍ଡିତ ନହେବ, ସେଥିପ୍ରତି ଧ୍ୟାନ ଦିଆଯାଏ। ଆମ ସମାଜରେ ଦୁର୍ନୀତି ଏକ ଜୀବନ ଧାରାରେ ପରିଣତ ହୋଇଗଲାଣି। ଏହା ଏକ ସାମାଜିକ ବ୍ୟାଧି। ସମସ୍ତେ ଏହି ବ୍ୟାଧିରେ ଆକ୍ରାନ୍ତ। ଏହି ବ୍ୟାଧିକୁ ଦୁର କରିବା ଏକ ବଡ଼ ଜନ ଆନ୍ଦୋଳନର ଆବଶ୍ୟକତା ରହିଛି।

ସଂସାର ଥିବା ଯେତେ ଦିନ.....

॥ ଡ଼ଃ. ଦିଲ୍ଲୀପ କୁମାର ମହାରଣା ॥

ଆମ ବିଧି ବ୍ୟବସ୍ଥାରେ ଏପରିକି ଆଇନ କାନୁନରେ ବି ଘରର କର୍ମଜୀବୀ ବାପା ବା ମାଆଙ୍କର କର୍ମ କ୍ଷେତ୍ରରେ ପରଲୋକ ପରେ ଥଇଥାନ ବ୍ୟବସ୍ଥା ଅନୁଯାୟୀ ପିଲାମାନଙ୍କୁ ଚାକିରୀ ମିଳିଥାଏ। ଆପଣ କେଉଁଠି ଶୁଣିଛନ୍ତି ଜଣେ ସେଇ ଥଇଥାନ ସୁଯୋଗର ସମସ୍ତ ସରକାରୀ ସୁବିଧା ନେଇ ମଧ୍ୟ ଛୁ ମନ୍ତର କରି ଆଇନକୁ ନିଜ ପକେଟରେ ପୁରାଇ ପୁଣି ସରକାରୀ ସୁବିଧା। ଆମ ରାଜ୍ୟରେ କୁଆଡ଼େ କଣ ମୁଖିଆ ସବୁବେଳେ କୁହନ୍ତି ଆଇନ ତା ବାଟରେ ଯିବ। ଆଇନଟା କେଉଁ ବାଟ ଦେଇକି ଯାଉଛି ତାହା ଆମପରି କୋଟି କୋଟି ମୂର୍ଖ କିନ୍ତୁ ବୁଝି ପାରୁନାହାଁନ୍ତି।

ସଂସାର ଥିବା ଯେତେ ଦିନ.... ଆନନ୍ଦରେ କାଟୁଥିବା ଦିନ। ଏହା ତ ନିର୍ଘାତ ସତ କିନ୍ତୁ ସତ ପଛର ଆଉ ଏକ ଘଟଣା ବି ରହିଛି। ଅର୍ଥାତ୍ ଆନନ୍ଦ ବୋଲିଲେ ଯେଉଁ ପ୍ରକାର ଆନନ୍ଦ ହୋଇପାରେ। କାହାକୁ ତଣ୍ଟିଆ ମାରି ହୋଇପାରେ, କାହାର ତଣ୍ଟି ଚିପି ହୋଇପାରେ, କାହାକୁ ଖାଲରେ ପକାଇ ହୋଇପାରେ, କାହା ବିରୁଦ୍ଧରେ ମିଛ ଦୁର୍ନାମ ଯୋଡ଼ି ବି ହୋଇପାରେ। ତେବେ ଆଜିର ସଂସାରକୁ ଦେଖିଲେ ଆପଣ ବିଚିତ୍ର ବିଚିତ୍ର ଲୋକ ସବୁ ଦେଖିବାକୁ ପାଇବେ। ଦୁନିଆରେ ଧର୍ମଡଙ୍ଗା ତ ପୁଣି ଚାଲୁଛି ନାଁ। ତାହାଲେ କ'ଣ ଭଲ ଲୋକଙ୍କର ସ୍ଥାନ ନାହିଁ ? ଆମେ ଏ ଘଟଣା ଅବତାରଣ କାହିଁକି କରୁଛୁ ତାହା ଟିକିଏ ଚୁମ୍ବକରେ ପାଠକବର୍ଗଙ୍କୁ ଜଣାଇବା ପାଇଁ ଚାହୁଁ। ଆମ ହାତ ପାହାନ୍ତାରେ ଏପରି ଫୋରଟ୍ୱିଣ୍ଟି ସବୁ ରହିଛନ୍ତି ସେମାନେ ମଣିଷକୁ କ'ଣ, ଆଇନର କାଠଗଡ଼ା ଠାରୁ ଏ ସରକାରଙ୍କୁ ବି ବିକିଦେବେ। ଦିନ ଅଧରେ ଭଦ୍ର ଧୋବାଧାରୀ ଲୋକ ବୋଲାଇ ଶୁଖୁଆ କଣ୍ଟା ଗେଞ୍ଜି ତୁମକୁ ଏପରି ଜଳକା ବନାଇ ଦେବେ ଯେ ତୁମେ କେତେ ପୁରୁଷ ପଛରେ ଛାଡ଼ିକି ଆସିଛ ନିହାତି ଖରାବେଳେ ଗଣୁଥିବ।

ଆମ ବିଧି ବ୍ୟବସ୍ଥାରେ ଏପରିକି ଆଇନ କାନୁନରେ ବି ଘରର କର୍ମଜୀବୀ ବାପା ବା ମାଆଙ୍କର କର୍ମ କ୍ଷେତ୍ରରେ ପରଲୋକ ପରେ ଥଇଥାନ ବ୍ୟବସ୍ଥା ଅନୁଯାୟୀ ପିଲାମାନଙ୍କୁ ଚାକିରୀ ମିଳିଥାଏ। ଆପଣ କେଉଁଠି ଶୁଣିଛନ୍ତି ଜଣେ ସେଇ ଥଇଥାନ ସୁଯୋଗର ସମସ୍ତ ସରକାରୀ ସୁବିଧା ନେଇ ମଧ୍ୟ ଛୁ ମନ୍ତର କରି ଆଇନକୁ ନିଜ ପକେଟରେ ପୁରାଇ ପୁଣି ସରକାରୀ ସୁବିଧା। ଆମ ରାଜ୍ୟରେ କୁଆଡ଼େ କଣ ମୁଖିଆ ସବୁବେଳେ କୁହନ୍ତି ଆଇନ ତା ବାଟରେ ଯିବ। ଆଇନଟା କେଉଁ ବାଟ ଦେଇକି ଯାଉଛି ତାହା ଆମପରି କୋଟି କୋଟି ମୂର୍ଖ କିନ୍ତୁ ବୁଝି ପାରୁନାହାଁନ୍ତି। ଆଇନଟା ଜାତୀୟ ରାଜପଥ ଦେଇ ଯାଉଛି କି ଗ୍ରାମୀଣ ରାଜପଥ ଦେଇ ଯାଉଛି କି ବାଟ ଖରାପ ପଡ଼ିଛି ବୋଲି ଝୁଣ୍ଟି ପଡ଼ି ଯାଉଛି ତାହା ଜଣାପଡୁନାହିଁ। ଆମେ ଆଇନ ବ୍ୟବସ୍ଥାକୁ ଅତ୍ୟନ୍ତ ସମ୍ମାନ ଦେଉଛୁ। କାରଣ ଭାରତର ବିଧି ବ୍ୟବସ୍ଥା ସମ୍ବିଧାନ ଓ ଆଇନକୁ ନେଇ ଚାଲିଛି। ଏହି ଲେଖାଟି ଏହି ଲେଖକ ଲେଖିଲା ବେଳକୁ ରାଜ୍ୟର ଏକ ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ଘଟଣାରେ ଜଣେ ପୂର୍ବତନ ପ୍ରଭାବଶାଳୀ ମନ୍ତ୍ରୀଙ୍କୁ କୋର୍ଟ ସମନ କରାଯାଇଛି। ତାହାହେଲେ କ'ଣ ଆମେ କାହି ପାରିବୁ ଆଇନର ଶାସନ ନାହିଁ ବୋଲି ? ଏହି ବ୍ୟବସ୍ଥା ସମ୍ପର୍କରେ ଜାଣିବା ପାଇଁ ଜଣେ ଭଦ୍ରବ୍ୟକ୍ତି ସୂଚନା ଅଧିକାର ଆଇନ ବ୍ୟବସ୍ଥାରେ ଜାଣିବା ପାଇଁ ଚାହିଁଲେ କିନ୍ତୁ ତଥ୍ୟର ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ହୁଏତ ଅଭିଯୋଗ ଉଠୁଥିବା ବାବୁ ଜଣଙ୍କ ଆରାମରେ ତାଙ୍କ ଚାକିରୀ ସମୟ ସାରି ପେନସନ ପାଇବା ପାଇଁ ବି ଯୋଗ୍ୟ ହୋଇଯିବେ।

ଭାରତର ଗଣତନ୍ତ୍ର ସମସ୍ତଙ୍କୁ ନେଇ, ସମସ୍ତଙ୍କ ପାଇଁ। ସମ୍ଭବତଃ ଏହି ସଗର୍ବ ଅଖଣ୍ଡ ଭାରତୀୟତା ଆମ ଜାତି ପ୍ରେମକୁ ଉଜ୍ଜୀବିତ କରେ। ତେବେ ବେଳେବେଳେ ସମ୍ବିଧାନ ସଙ୍କଟରେ ପଡ଼ିଯାଏ ବା କିଛି ଘଟଣା ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରେ। ଆଇନର ଶାସନ ବେଳେ ବେଳେ କିଭଳି କିଛି ମନମୁଖି ଓ ସ୍ୱାର୍ଥଲିପ୍ସୁମାନେ ମୋଡ଼ି ପାରନ୍ତି ଅନେକ ଉଦାହରଣ ରହିଛି। ଭାତ ହାଣ୍ଡିରୁ ଗୋଟିଏ ପରି ଓଡ଼ିଶା ସରକାରଙ୍କ ରାଜସ୍ୱ ପର୍ସଦ ଅଧୀନରେ ପରିସର-୧ରୁ ବଦଳି ହୋଇ ପରିସର-୩ରେ ଅବସ୍ଥାପିତ ହୋଇ ପୁନଶ୍ଚ ଓଡ଼ିଶା ରାଜସ୍ୱ ପର୍ସଦକୁ ଡେପୁଟେସନରେ ଆସି ବର୍ତ୍ତମାନ କାର୍ଯ୍ୟ କରୁଅଛନ୍ତି। ସେହି ମହୋଦୟ ସମୀପେଷୁଙ୍କ ନାମ ହେଉଛି ଚିନ୍ମୟ ପଣ୍ଡା। ସତକଥା ନାମଟି ଚିନ୍ମୟ ନା, ଏ ଯୁଗରେ ଚିନ୍ମୟ ଚିନ୍ତନର ଏ ଭଦ୍ର ବ୍ୟକ୍ତି ସତକଥା ନିହାତି କରିତକର୍ମା ହୋଇଥିବେ। ଯିଏ ବୃତ୍ତି ଆଉ ପ୍ରବୃତ୍ତି ଓ ପରିଶେଷର ହୁଏତ ନିଷ୍କୃତି ଯୋଗରୁ ଚିନ୍ତନର ଜଣେ ମସ୍ତବଡ଼ ଅନୁଭବୀ ହୋଇଥିବେ। ଏ ସମ୍ବନ୍ଧୀୟ ତଥ୍ୟ ରାଜସ୍ୱ ବିଭାଗର ସଚିବ, ନିର୍ଦ୍ଦେଶକ ଚକବନ୍ଦୀ ରାଜସ୍ୱ ପର୍ସଦ, ସଦସ୍ୟ ରାଜସ୍ୱ ପର୍ସଦ, ସଚିବ କେନ୍ଦ୍ରାଞ୍ଚଳ ରାଜସ୍ୱ ବିଭାଗ, ସଚିବ ଗୃହ ବିଭାଗ, ସଚିବ ଅର୍ଥ ବିଭାଗ, ସଚିବ ସାଧାରଣ ପ୍ରଶାସନ ବିଭାଗ ବାରମ୍ବାର ଅବଗତ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏ ବାବଦରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିରେ ତାଙ୍କୁ ପୃଷ୍ଠପୋଷକତା କରୁଛନ୍ତି ରାଜସ୍ୱ ପର୍ସଦର ଅତିରିକ୍ତ ସଚିବ ଶ୍ରୀମତୀ ସିଓନା ମିଶ୍ର ଏବଂ ଉପବିଭାଗ ଅଧିକାରୀ ଭାଗ୍ୟଧର ସାହୁ। ଓଡ଼ିଆରେ ଏକ କଥା ଅଛି 'ତୁ ଗୁହାରୀ ଯାହାକୁ ମୁଁ.....' ଅର୍ଥାତ୍ ଅଭିଯୋଗ କରିବ ତ ? କାହା ପାଖକୁ ଯିବ ? କେତେ ଦମ ନେଇ କେତେ ବାଟ ଯାଇପାରିବ ? ଆଉ ଆମେ ଏ ରାସ୍ତାରେ ଯିଏ ଅଛୁ ଆମେ କ'ଣ ଚୁଡ଼ି ପିନ୍ଧି ମଠ ଡାଲମା ଖାଇ ଝାଞ୍ଜ ବାଡ଼ଉଛୁ। ଏପରି ଆଇନକୁ ମୋଡି ମକଚି ନିଜ ପକେଟରେ ନିୟମକୁ ରଖିପାରୁଥିବାର ଦୁଃସାହାସ ରଖୁଥିବା ବ୍ୟକ୍ତି ହେଉଛନ୍ତି ଚିନ୍ମୟ ପଣ୍ଡା। ଏହି ଚିନ୍ମୟ ପଣ୍ଡା ବ୍ୟକ୍ତିଙ୍କର ସାତଖୁରାକୁ ସତ କଥା ଜୁହାର। ସରକାରଙ୍କ ରାଜସ୍ୱ ବିଭାଗ ୫-ଟି ଅଧୀନରେ ଆସୁଛି। ୫-ଟିର ମୁଖିଆ ରାଜ୍ୟ ସାରା ବୁଲି ପ୍ରଜା ଶାସନ କରି ନିର୍ମଳ ଶାସନ ଓ ସରକାରଙ୍କ ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥାର ନାରା ଲୋକଙ୍କୁ ଦେଉଛନ୍ତି ଆଉ ଶିଖାଉଛନ୍ତି। ତାହାହେଲେ ଚିନ୍ମୟ ପଣ୍ଡା ଏହି ୫-ଟି ବିଭାଗର ଜଣେ ଅତ୍ୟନ୍ତ ଗୁଣଗ୍ୟ ଛାତ୍ରଭାବେ ବିବେଚନା କରାଯିବ। ଏମାନେ ସବୁ ଟପ୍ପର ଲିଷ୍ଟରେ ଯିବେ। ଏହି ପରି ଦୁଇ ଚାରିଟି ଗାଡୁଆ ମୂଷା ଯଦି ରାଜସ୍ୱ ବିଭାଗରେ ରହିଯିବେ ତାହାହେଲେ କେତେ ବେଳେ ଏ ବିଭାଗ କ'ଣ ଏ ରାଇଜ ବି ଗୋଲ ହୋଇଯିବ। ବର୍ତ୍ତମାନର ସୂଚନା ପ୍ରଯୁକ୍ତିର ଯୁଗ ଆଶ୍ଚର୍ଯ୍ୟର କଥା ସକ୍ରିୟତା ପ୍ରତି ମୁହୂର୍ତ୍ତରେ ସତ୍ୟକୁ ଲୋକ ଲୋଚନକୁ ନେଇ ଆସୁଛି। ଲୋକମାନେ ଆଉ ଅନ୍ଧାରରେ ରହିବାର ସମୟ ବି ନାହିଁ। ତଥାପି ବନ ଆଶ୍ଚର୍ଯ୍ୟ କଥା ଏ ବାବୁ ନିଜ ପଦ ପଦବୀ କର୍ମକ୍ଷେତ୍ରକୁ ନେଇ ନିଧଡ଼କରେ ବସୁଛନ୍ତି ତେଣୁ ଏହିପରି ଗାଡୁଆ ମୂଷାକୁ ବଡ଼ ବଡ଼ ମୂଷାସବୁ ଦାନା ଆଉ ପାଣି ଦେଉଥିବେ।

ଯନ୍ତା ଏଠି ଆଣି କିଏ ବସାଇବ। ଢ଼ୋଲ ଭିତରେ ମୂଷା ପରି ସରକାରଙ୍କ ଅତ୍ୟନ୍ତ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରସମନ ବିଭାଗର ଏପରି କରିତକର୍ମା ମୂଷା ମାନଙ୍କୁ ଗତ ଗଣେଶ ପୂଜାରେ ନିଶ୍ଚିନ୍ତ କିଏ ପୂଜା କରିଥିବେ ଯେ ? ଶାସନ ବ୍ୟବସ୍ଥାର ଦ୍ୱାହି ଭିତରେ ଅନେକ ମେଧାବୀ ଚାକିରୀ ଖଣ୍ଡେ ପାଉନାହାଁନ୍ତି, ଅନେକଙ୍କ ଘର କର୍ମ ସଂସ୍ଥାନ ଅଭାବରୁ ଛିନଛତର ହୋଇଯାଉଛି। କିନ୍ତୁ ଆଇନକୁ ହାତକୁ ନେଇ, ଆଇନକୁ ମୋଡ଼ି ସମସ୍ତଙ୍କୁ ହାତରେ ରଖି ଆଇନର ଧଜିଆ ଉଡାଉଥିବା ଲୋକମାନଙ୍କ ପାଇଁ ଆଇନର ବାଟ ଟା କ'ଣ ତାହାକୁ ଅପେକ୍ଷା କରାଯାଉଛି। ଯଦିଓ ବର୍ତ୍ତମାନ ଦେଖାଯାଉଛି ହାତୀ ଗଳି ଯାଉଛି କିନ୍ତୁ ପିମ୍ପୁଡ଼ି ପାଇଁ ବାଟ ବନ୍ଦ। କୋଟି କୋଟି ଟଙ୍କା ହରିଲୁଟ କରି ବିଦେଶରେ କିଛି ଧର୍ଣ୍ଣାଢ୍ୟ ମୌଜ ମଜଲିସ କରୁଛନ୍ତି କିନ୍ତୁ ଟଙ୍କା ଦଶଟା ପାଇଁ ଏଠି ଜଣେ ଦାଦନ ପାଲଟୁଛି ଆଉ ତା ପିଲାଛୁଆଙ୍କୁ ବନ୍ଧା ପକାଉଛି। ଏହି ଭୋକର ଭୂଗୋଳ ଓଡ଼ିଶାରେ। ତେଣୁ ସରକାରୀ ବ୍ୟବସ୍ଥାରେ ତଥ୍ୟ ସୂଚନା ଅଧିକାର ବଳରେ ସମସ୍ତଙ୍କୁ ଆଇନର ବ୍ୟବସ୍ଥାକୁ ସାର୍ବଜନୀନ କରାଯାଇ ସମସ୍ତଙ୍କ ପାଇଁ ଆଇନର ବାଟ ଯେ ଗୋଟିଏ ସମ୍ବିଧାନର ଏହି ମୂଲ୍ୟବାନ ସୁରକ୍ଷିତ ବାଣୀକୁ ସମସ୍ତଙ୍କୁ ଆଲୋକର ରାସ୍ତା ଦେଖାଇବାର କାର୍ଯ୍ୟ ହେଉଛି ଗଣତନ୍ତ୍ରର ଅର୍ଥାତ୍ ଆମ ଗଣତନ୍ତ୍ରର ଧ୍ୱଜାଧାରୀ ମାନଙ୍କର !!

ଶିଖରପୁର ଉପରସାହି, କଟକ,

ଡ଼େଙ୍ଗୁ ଓ ଯକୃତ ସଂକ୍ରମଣ

॥ ଉମେଶ ଚନ୍ଦ୍ର ପାତ୍ର ॥

ହାଡ଼ଭଙ୍ଗା (ବ୍ରେକ ବୋନ ଫିଭର୍) ବା ଡେଙ୍ଗୁଜ୍ୱର ସାଧାରଣତଃ ଗ୍ରୀଷ୍ମମଣ୍ଡଳ ବା କ୍ରାନ୍ତି ବଳୟରେ ଦେଖାଯାଇଥାଏ। ପ୍ରତିବର୍ଷ ପାଞ୍ଚଶହ ଲକ୍ଷ ଲୋକ ଡେଙ୍ଗୁଜ୍ୱରରେ ଆକ୍ରାନ୍ତ ହେଉଛନ୍ତି ଓ ପାଞ୍ଚଲକ୍ଷ ଲୋକ ଚିକିତ୍ସାଳୟରେ ଭର୍ତ୍ତି ହେଉଛନ୍ତି। ସମଗ୍ର ଦକ୍ଷିଣ ଏସିଆ, ଆଫ୍ରିକା ଓ ଆମେରିକାରେ ଏହି ରୋଗର ପ୍ରାର୍ଦୁଭାବ ଦେଖାଯାଏ। ପୁଣି ସେହି ଦେଶକୁ ଯେଉଁମାନେ ବୁଲିବାକୁ ଯାଆନ୍ତି ସେମାନେ ମଧ୍ୟ ଏ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଅଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରିସଂଖ୍ୟାନ ଅନୁଯାୟୀ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତି ବର୍ଷ ବଢ଼ିବାରେ ଲାଗିଛି। ୧୯୯୦ରୁ ୧୯୯୯ ମଧ୍ୟରେ ପ୍ରତିବର୍ଷ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪.୭ଲକ୍ଷ ଥିଲାବେଳେ ୨୦୦୦ରୁ ୨୦୦୫ ମଧ୍ୟରେ ଏହି ସଂଖ୍ୟା ପ୍ରାୟ ଦୁଇଗୁଣ ବଢ଼ି ୯.୨ ଲକ୍ଷ ହୋଇଛି। ଏହି ଜ୍ୱର ଏଡ଼ିସ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ। ମ୍ୟାଲେରିଆ ଓ ଡେଙ୍ଗୁ ଉଭୟେ ମଶା ଦ୍ୱାରା ସଂକ୍ରମିତ ହୁଏ। ଏହି ଜ୍ୱର ଫ୍ଲେଭିଭାଇରସ୍ ଭୂତାଣୁ ଦ୍ୱାରା ହୋଇଥାଏ । ଏହା ଏକ ଆରଏନ୍ଏ ଭୂତାଣୁ ଓ ଏହାର ଜିନୋମ୍ ଏକଧାରାବାହୀ। ସମ୍ପ୍ରତି ଡେଙ୍ଗୁର ଭୟାବହତା ରାଜ୍ୟର କେତେକ ସ୍ଥାନରେ ଦେଖାଯାଇଛି। ଏହି ଭୂତାଣୁକୁ ବହନ କରୁଥିବା ମଶା ହେଉଛି ଏଡ଼ିସ୍ ଇଜିପ୍ଟି ଏବଂ ଏଡ଼ିସ୍ ଆଲ୍ବୋପିକ୍ଟସ୍ । ଦେଖିବାକୁ କଳା ରଙ୍ଗର ଏବଂ ସେମାନଙ୍କ ଉପରେ ଧଳା ଦାଗ ଥିବାରୁ ଏହି ମଶାକୁ ବାଘୁଆ ମଶା କୁହାଯାଏ । ଏହି ମଶାମାନେ ବିଶେଷକରି ସନ୍ତସନ୍ତିଆ ଜାଗା, ପାଣି ଜମା ହୋଇଥିବା ସ୍ଥାନ ଏବଂ ଆବର୍ଜନା ଜମି ଥିବା ସ୍ଥାନରେ ବଂଶ ବୃଦ୍ଧି କରିଥାନ୍ତି । ଦେଖାଯାଇଥାଏ ଏହି ମଶା କାମୁଡ଼ିବାର ପାଞ୍ଚଛଅ ଦିନ ପରେ ଡ଼େଙ୍ଗୁର ଲକ୍ଷଣ ଦେଖାଯାଇଥାଏ । ଏହି ଭୂତାଣୁ ଶରୀରରେ ଚାରିରୁ ଦଶଦିନ ପର୍ଯ୍ୟନ୍ତ ରହିଥାଏ । ଡ଼େଙ୍ଗୁ ଭୂତାଣୁ ଶରୀରର ବିଭିନ୍ନ ଅଙ୍ଗକୁ ଅଚଳ କରିଥାଏ । ଡେଙ୍ଗୁ ଯୋଗୁଁ ରକ୍ତଚାପ କମିଯାଏ, ଶରୀରରେ ପ୍ଲାଟିଲେଟ ହ୍ରାସ ପାଇଥାଏ । ଡେଙ୍ଗୁ ଭୂତାଣୁ ଜଣ୍ଡିସ୍ରୋଗ ସୃଷ୍ଟି କରିବାର ସମ୍ଭାବନା ବି ରହିଛି। ଏହା ଯକୃତ, ବୃକକ୍, ଓ ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ । କେବଳ ସେତିକି ନୁହେଁ ଡେଙ୍ଗୁ ଯୋଗୁଁ ମଲ୍ଟି ଅର୍ଗାନ ଫେଲୁଅର ହେବାର ସମ୍ଭାବନା ବି ରହିଛି। ଡେଙ୍ଗୁ ଭୂତାଣୁ ଯକୃତ ଉପରେ ବିଶେଷ ପ୍ରଭାବ ପକାଇଥାଏ। ଯକୃତର ଏନ୍ଜାଇମ ଗୁଡ଼ିକ ବଢ଼ିଯାଏ। ଜଣ୍ଡିସ୍ ଦେଖାଦିଏ ଓ ଜଣ୍ଡିସ୍ ବଢ଼ିଗଲେ ଯକୃତ ପୁରାପୁରି ଅକାମି ହୋଇଯାଏ। ଏହାକୁ ଏକ୍ୟୁଟ୍ ଲିଭର ଫେଲୁଅର କୁହନ୍ତି। ଏହି ଜ୍ୱରର ଯନ୍ତ୍ରଣା ଦାୟକ ଅବଧି ତିନିଦିନରୁ ଦୁଇସପ୍ତାହ ରହିଥାଏ । କିନ୍ତୁ ବିଶେଷକରି ପାଞ୍ଚଛଅ ଦିନ ପ୍ରାରମ୍ଭିକ ଅବସ୍ଥାରେ ମାଂସପେଶୀ ଓ ଗଣ୍ଠି ବ୍ୟଥା ହୋଇ ଯନ୍ତ୍ରଣାଦାୟକ ହୁଏ। ରୋଗୀର ମୁଣ୍ଡବିନ୍ଧା ଓ ଆଖିର ପଛପଟ ବିନ୍ଧା ହେବା ସହ ଖାଇବା ପ୍ରତି ଆଗ୍ରହ କମିଯାଏ । ଖାଦ୍ୟର ସ୍ୱାଦ ରୋଗୀଟି ଜାଣିବାକୁ ସମର୍ଥ ହୋଇନଥାଏ । କେତେକ ରୋଗୀଙ୍କ କ୍ଷେତ୍ରରେ ମୁହଁ ଲାଲ ଦିଶିଥାଏ । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜ୍ୱର ହେବାର ଦିନେ ଦୁଇଦିନ ଭିତରେ ଶରୀରର ବିଭିନ୍ନ ଅଂଶରେ ଲାଲି ରଙ୍ଗର ମିଳିମିଳା ଭଳି ଚାରିଆଡ଼େ ଫଳି ଯାଏ । ରୋଗୀଟିକୁ ଜ୍ୱର ପ୍ରାୟତଃ ଲାଗି ରହିଥାଏ । ନାକରୁ ପାଣି ବୋହିବା ସହ ଖାଦ୍ୟନଳୀରେ ଯନ୍ତ୍ରଣା ଦେଖାଯାଏ ଏବଂ ବେଳେବେଳେ ପତଳା ଝାଡ଼ା ମ

ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ପ୍ରଥମ ଜିଜ୍ଞାଶା

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ରାସୋଳ ପର୍ଶୁରାମପୁର ଅଧିନସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଚତୁର୍ଥ ଶ୍ରେଣୀ ଛାତ୍ରୀ ଜିଜ୍ଞାଶା ପାଣିଗ୍ରାହୀ ଗତ ୩ୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା -୨୦୨୪ ରେ କୃ□ତ୍ୱର ସହ ହିନ୍ଦୋଳ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରି ନିଜକୁ ସୁନାମ ଆଣିଛନ୍ତି । ପରୀକ୍ଷା ଫଳ ପ୍ରକାଶ ପାଇବା ମାତ୍ରେ ଜିଜ୍ଞାଶାଙ୍କ ପରିବାର ଓ ଶିଶୁ ବିଦ୍ୟା ମନ୍ଦିରରେ ଆନନ୍ଦ ଖେଳିଯାଇଛି । ଜିଜ୍ଞାଶା ନାଉକିଆରୀ ଗ୍ରାମର ଟଙ୍କଧର ପାଣିଗ୍ରାହୀଙ୍କ ଦ୍ୱିତୀୟ କନ୍ୟା ବୋଲି ଜଣା ପଡିଛି । ଜିଜ୍ଞାଶା ତାଙ୍କ ସଫଳତାପାଇଁ ପିତା ମାତା ଓ ବିଦ୍ୟାଳୟର ଗୁରୁମା ଓ ଗୁରୁଜୀଙ୍କୁ ଶ୍ରେୟ ଦେଇଛନ୍ତି ।

ବାଇକ କୁ ଧକ୍କା ଦେଲା ପିକଅପ ସ୍ୱାମୀ ମୃତ,ସ୍ତ୍ରୀ ଓଝିଅ ଗୁରୁତର

ଆସିକା (ମହାଭାରତ): ଆସିକା ଥାନା ର ୫୯ ନଂ ଜାତୀୟ ରାଜପଥ ପିତଳ କଲେଜ ନିକଟରେ ଗୁରୁବାର ଅପରାହ୍ନରେ ଏକ ସଡକ ଦୁର୍ଘଟଣା ଘଟିଛି। ଦୂର୍ଘଟଣାରେ ବାଇକ୍ ଚାଳକ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଓ ଝିଅ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ ଆସିକା ଥାନା ଚନ୍ଦନପେଢି ଗ୍ରାମର ରାମଚନ୍ଦ୍ର ଜେନା (୪୮) ଓ ଆହତ ମାନେ ହେଲେ ମୃତକଙ୍କ ସ୍ତ୍ରୀ ରେବତୀ ଜେନା (୪୦) ଓ ଝିଅ ଗୁରୁଲି ଜେନା (୧୦) ବୋଲି ଜଣାପଡିଛି। ପ୍ରକାଶ ଥାଉକି ଗୁରୁବାର ଅପରାହ୍ନରେ ଆସିକା ଥାନା ଚନ୍ଦନପେଢି ଗ୍ରାମର ରାମଚନ୍ଦ୍ର, ସ୍ତ୍ରୀ ଓ ଝିଅଙ୍କୁ ନେଇ ବାଇକ୍ (ଓଆର୦୭ଏଏ ୭୧୫୬) ଯୋଗେ ବ୍ରହ୍ମପୁର ଠାରୁ କାମ ସାରି ଗାଁ ଅଭିମୁଖେ ଆସୁଥା ସମୟରେ ଆସିକା ଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ମହିନ୍ଦ୍ରା ପିକଅପ୍ ଭ୍ୟାନ୍ (ଓଡି୦୨ବିଏନ ୨୭୫୧) ୫୯ ନଂ ଜାତୀୟ ରାଜପଥ ଆସିକା ଥାନା ପିତଳ କଲେଜ ନିକଟରେ ବାଇକ୍ ସହ ମୁହାଁମୁହିଁ ଧକ୍କା ଘଟିଥିଲା। ସେହି ସମୟରେ ଏକ ଆମ୍ବୁଲାନ୍ସ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଆହତ ମା ଓ ଝିଅଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ନେଇଥିବା ଜଣାପଡିଛି। ଖବର ପାଇ ହିଞ୍ଜିଳି ଓ ଆସିକା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ରାମଚନ୍ଦ୍ରଙ୍କୁ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେଯ ଦୂର୍ଘଟଣାଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରିବା ସହ ଚାଳକଙ୍କୁ ହିଞ୍ଜିଳି ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଆସିକା ପୁଲିସ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ମୃତଦେହକୁ ଜବତ କରିଛି। ଶୁକ୍ରବାର ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି। ମା ଓ ଝିଅ ଅବସ୍ଥା ସଙ୍କଟାପନ୍ନ ରହିଥିବା ଜଣାପଡିଛି।

ପାଟଣା ଜାଗର ମହୋତ୍ସବ କୁ ଉଦଘାଟନ କଲେ ବିଧାୟକ

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ଜାଗର ମହୋତ୍ସବ ଉଦଘାଟିତ ହୋଇ ଯାଇଛି । ଏହି ଜାଗର ମହୋତ୍ସବ କୁ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଯୋଗଦାନ କରି କାର୍ଯ୍ୟକ୍ରମ କୁ ଉଦଘାଟନ କରିଛନ୍ତି । ଜାଗର ମହୋତ୍ସବ କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦ ଉତ୍ତର ଓଡ଼ିଶା ପ୍ରାନ୍ତ ର ଅଧିକାରୀ ମଦନ ମୋହନ ଦ୍ୱିବେଦୀ,ପୂର୍ବତନ ବ୍ଲକଅଧ୍ୟକ୍ଷ ବିଦ୍ୟାଧର ଦାଶ,ଜାଗର ମହୋତ୍ସବ ର ସଭାପତି ଅଜୟ କୁମାର ଦାଶ,ସମ୍ପାଦକ ସନାତନ ଦାଶ ଉପସ୍ଥିତ ଥିଲେ। ଏହି ଜାଗର ମହୋତ୍ସବ କାର୍ଯ୍ୟକ୍ରମ ରେ ପାଟଣା ଡ୍ରାଇଭର ମହାସଂଘ, ପାଟଣା ମହାବିଦ୍ୟାଳୟ ର ଏନସିସି ଗ୍ରୁପ, ମଲ୍ଲିପଶି ଦାରୁବ୍ରହ୍ମ ପ୍ରତିଷ୍ଠାନ ସଦସ୍ୟ ଙ୍କୁ ବିଧାୟକ ଙ୍କ ଦ୍ୱାରା ଉପଢ଼ଙ୍କ,ପୁଷ୍ପଗଛ,ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇ ଛି । କାର୍ଯ୍ୟକ୍ରମ କୁ ଶିକ୍ଷକ ପାର୍ଥ ସାରଥି ବେଜ,କମଳାକାନ୍ତ ପତି ମ□ ପରିଚାଳନା କରି ଥିଲେ। ଜାଗର ମହୋତ୍ସବ ର ପ୍ରଥମ ରାତ୍ରୀରେ ପାଟଣା ଅଞ୍ଚଳ ବା ସୁଦୂର କେନ୍ଦୁଝର କଳାକାର ବା ନୃତ୍ୟ ଶିଳ୍ପୀ ଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ହିନ୍ଦୋଳ ଏନ୍ ଏ ସି ରେ ମହୁମାଛି ଆତଙ୍କ,୪ ଆହତ ୧ ଗୁରୁତର

ହିନ୍ଦୋଳ(ମହାଭାରତ)ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍ ଏ ସି ଅନ୍ତର୍ଗତ ୪ ନମ୍ବର୍ ୱାର୍ଡ ମେଳା ଘର ପାର୍ଶ୍ୱରେ ଥିବା ଏକ ବିଶାଳକାୟ ବରଗଛ ଉପରେ ରହିଛି ଅନେକ ମହୁବସା। ପ୍ରତ୍ୟେକ ବର୍ଷ ଏହି ଗଛରେ କିଛି ମାସ ପାଇଁ ମହୁମାଛି ମାନେ ବସା ବାନ୍ଧି ଥାଆନ୍ତି। ତେବେ ପ୍ରତ୍ୟେକ ବର୍ଷ ଅନେକ ଲୋକ ଏହି ମହୁମାଛି ମାନଙ୍କ ଆକ୍ରମଣର ଶିକାର ହୋଇଥିବା ବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ତେବେ ଚଳିତ ବର୍ଷ ଏହି ଗଛରେ ଅନେକ ମହୁମାଛି ବସା ବାନ୍ଧି ରହିଥିବା ବେଳେ ଗତକାଲି ଏହି ମହୁମାଛି ୫ଜଣଙ୍କୁ ଅତର୍କିତ ଆକ୍ରମଣ କରିବା ସହ ସେଥିମଧ୍ୟରୁ ଜଣେ ଗୁରୁତର ଥିବା ସୂଚନା ମିଳିଛି। ଗୁରୁତର ହେଲେ ହିନ୍ଦୋଳ ଏନ୍ ଏ ସି ୪ ନମ୍ବର୍ ୱାର୍ଡର ଅର୍ଜୁନ ଭୋକ୍ତା ବୋଲି ସୂଚନା ମିଳିଛି। ତେବେ ହିନ୍ଦୋଳ ଏନ୍ ଏ ସି ର ଉକ୍ତ ସ୍ଥାନଟି ଜନଗହଳି ପୂର୍ଣ୍ଣ ସ୍ଥାନ ହୋଇଥିବା ବେଳେ ଏହାର ୧୦୦ ମିଟର ଦୂରରେ ହିନ୍ଦୋଳ ଥାନା ଏବଂ ମାତ୍ର ୨୦୦ ମିଟର ଦୂରରେ କୋର୍ଟ, ତହସିଲ୍ ଏବଂ ଉପଜିଲ୍ଲାପାଳଙ୍କ କାର୍ଯ୍ୟଳୟ ଥିବାବେଳେ ପ୍ରତ୍ୟେକ ଦିନ ଏଠାକୁ ଅନେକ ଲୋକ ନିଜର କାର୍ଯ୍ୟ ସାଧନ ନିମନ୍ତେ ଆସିଥାନ୍ତି।ଯାହାକୁ ନେଇ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ତୁରନ୍ତ ଏହି ମହୁମାଛି ଆତଙ୍କ ସୃଷ୍ଟି କରୁଥିବା ମହୁ ବସା ଗୁଡ଼ିକୁ ଏଠାରୁ ହଟାଇବା ପାଇଁ ସାଧାରଣରେ ଦାବୀ ହୋଇଛ। ନବେ୍ ଆଗାମୀ ଦିନରେ ଏମାନଙ୍କ ଆକ୍ରମଣରେ ଅନେକ ଲୋକ ଶିକାର ହେବା ସହିତ ଧନଜୀବନ ହାନି ହେବା ଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି କହିଛନ୍ତି ଅଞ୍ଚଳବାସୀ।

ବିପଦ ସଙ୍କୁଳ ବଂୟଶପୟଣି ରେଳ ଓଭର ବ୍ରିଜ ରାସ୍ତା,

ଯୋଡା, (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା - ଜୁରୁଡି ରାସ୍ତା ର ଅବସ୍ଥା ସାଂଘାତିକ ଏଠାରେ ପ୍ରତେକ ଦିନ ଏହି ରାସ୍ତାରେ ହଜାର ହଜାର ଗାଡ଼ି ଯାତାୟାତ କରୁଛନ୍ତି। ରାଜ୍ୟ ରାଜପଥ ନଂ ୨ ର ବଂୟଶପାଣି ରେଳ ଓଭର ବ୍ରିଜ ତଳ ରାସ୍ତା ମରାମତି ଅଭାବରୁ ବିପଦ ସଙ୍କୁଳ ଅବସ୍ଥାରେ ପଡ଼ି ରହିଛି । ଯେଉଥିଁ ପାଇଁ ଉକ୍ତ ରାସ୍ତାରେ ଦୁର୍ଘଟଣା ଘଟିବା ସହିତ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ଉପୁଜିଛି ।ଏ ଦିଗରେ ପୂର୍ତ୍ତବିଭାଗ ଦୃଷ୍ଟି ଦେଉ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି ।ଏହା ଖଣି ଅଞ୍ଚଳର ବ୍ୟସ୍ତ ବହୁଳ ରାସ୍ତା ହୋଇ ଥିବାରୁ ଏହି ରାସ୍ତାରେ ଦୈନିକ ହଜାର ହଜାର ଖଣିଜ ବୋଝେଇ ଭାରିଯାନ ଯାତାୟାତ କରିବା ସହିତ ଏହି ରାସ୍ତା ଟି ଗ୍ରାମା□ଳ ଓ ସହର ସହିତ ସଂଯୋଗ ହୋଇଛି ।ମରାମତି ଅଭାବରୁ ଓଭର ବ୍ରିଜ ତଳ ରାସ୍ତା ର ଆଗକୁ ଶହେ ମିଟର ଓ ପଛ କୁୟଶହେ ମିଟର ରାସ୍ତା ରେ ବଡ ବଡ ଖାଲ ଢିପ ସୃଷ୍ଟି ହୋଇ ଅତ୍ୟନ୍ତ ବିପଦ ସଙ୍କୁଳ ହୋଇ ପଡ଼ିଛି ।ଜରାଜୀର୍ଣ୍ଣ ରାସ୍ତା ହେତୁ ଯାନବାହାନ ଚଳାଚଳ ସମୟରେ ପ୍ରବଳ ମାତ୍ରାରେ ଧୂଳି ଉଡୁଛି ।ଫଳରେ ଲୋକେ ଯିବା ଆସିବା ସମୟରେ ଆଖି କୁ ରାସ୍ତା ଦେଖା ଯାଉ ନାହିଁ ।ବାରମ୍ବାର ରାସ୍ତା ମରାମତି ଦାବି କଲେ ମଧ୍ୟ ପୂର୍ତ୍ତ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ଜନସାଧାରଣରେ ଅସନ୍ତୋଷ ଦେଖା ଦେଇଛି ।ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ଲୋକେ ଦାବି କରିଛନ୍ତି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ବଡ଼ବିଲ ଏସ ଡି ଓ ରାମଦାସ ମାରାଣ୍ଡି କହିଛନ୍ତି ଯେ,ଠିକାଦାର କୁ ଏ ନେଇ ବାରମ୍ବାର ଚିଠି କରାଯାଉ ଥିଲେ ହେଁ,ଏହାର ମରାମତି କରୁ ନ ଥିବା ସେ କହିଛନ୍ତି ।

ଜଙ୍ଗଲ ମଧ୍ୟ ଦେଇ ଯାଇଥିବା ପାଣି ପାଇପ ଫାଟି ପାନୀୟ ଜଳ ନଷ୍ଟ,

ଯୋଡା, (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା - ଗୁରୁଡି ବାମେବାରି ରାସ୍ତା ର ଗୁରୁବେଡା ଛକ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଗତ ୪ଦିନ ହେବ ଗ୍ରାମାଞ୍ଚଳ ଜଳ ଯୋଗାଣ ସଂସ୍ଥା ର ଜଙ୍ଗଲ ଦେଇ ଯାଇଥିବା ପାଇପ ଫାଟି ପାନୀୟ ଜଳ ନଷ୍ଟ ହେବାରେ ଲାଗିଛି ।ଏଥିପାଇଁ ଲୋକେ ପାନୀୟ ଜଳ ରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ଖବର ନେବାରୁ ଜଣାପଡିଛି ଯେ,ବେଲଦା ଠାରେ ଥିବା ମେଗା ଜଳ ପ୍ରକଳ୍ପ ରୁ ଗ୍ରାମାଞ୍ଚଳ କୁ ଜଳ ଯୋଗାଣ ନିମନ୍ତେ ଗୁରୁବେଡା ଜଙ୍ଗଲ ଦେଇ ଏହି ପାଇପ ବିଭିନ୍ନ ଗ୍ରାମାଞ୍ଚଳ କୁ ସଂଯୋଗ ହୋଇଛି ।ମାତ୍ର ଦୀର୍ଘ ୪ ଦିନ ହେବ ଏହି ପାଇପ ଜଙ୍ଗଲ ମଧ୍ୟରେ ଫାଟି ଯିବା ହେତୁ ଅନବରତ ଭାବେ ପାନୀୟ ଜଳ ନଷ୍ଟ ହେବାରେ ଲାଗିଛି ।ଏଥିପ୍ରତି କାହାରି ନଜର ପଡୁ ନାହିଁ ।ଉକ୍ତ ମେଗା ପ୍ରକଳ୍ପ ଦ୍ୱାରା ଯୋଡା ବ୍ଲକ ର ୧୯ ଟି ଗ୍ରାମ ପଞ୍ଚାୟତ କୁ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ଥିଲେ ହେଁ ମାତ୍ର ୨/୩ଟି ପଞ୍ଚାୟତ ରେ ଜଳ ଯୋଗାଣ ସୀମିତ ହୋଇ ରହିଛି ।ବିଭାଗୀୟ ତଦାରଖ ଅଭାବରୁ ପାଇପ ଫଟିବୟ ଯୋଗୁଁ ଜଳ ଯୋଗାଣ ହେଉଥିବା ଗ୍ରାମ ଗୁଡିକୁ ଜଳ ଯୋଗାଣ ହୋଇ ପୟରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି ।ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି ।ଏ ସମ୍ପର୍କରେ ଗ୍ରାମାଞ୍ଚଳ ଜଳ ଯୋଗାଣ ସଂସ୍ଥା ର କନିଷ୍ଠ ଯନ୍ତୀ ଶୁଭେନ୍ଦୁ ନାଏକ ଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଏ ନେଇ ବିଭାଗ ପାଖରେ କୌଣସି ଖବର ନାହିଁ ।ତେବେ ଏ ଖବର ପାଇବା ପରେ ସେ ଖୁବ୍ ଶୀଘ୍ର ପଦକ୍ଷେପ ନେବେ ବୋଲି କହିଥିଲେ।

ଡଅଁର ସମିତି ସମ୍ପାଦକଙ୍କ ଭୂମିକା ସନ୍ଦେହରେ ସଦସ୍ୟତାକୁ ନେଇ ଉଚ୍ଚ ନ୍ୟାୟଳୟରେ ମାମଲା

ହାଟଡିହି ବ୍ଲକ ଡ଼ଅଁର ସେବା ସମବାୟ ସମିତିର ମ୍ୟାନେଜମେଣ୍ଟ କମିଟିରୁ ଡାଇରେକ୍ଟର ମାନଙ୍କର ନୂତନ ସମବାୟ ସମିତିକୁ ଚାଲିଯାଇଥିବା ସଦସ୍ୟତା ପୂର୍ବ ସମିତିକୁ ଫେରସ୍ତ ନେଇ ରାଜ୍ୟ ଆରସିଏସ(ରେଜିଷ୍ଟାର ଅଫ କୋ-ଅପରେଟିଭ ସୋସାଇଟ୍ସ) କାର୍ଯ୍ୟାଳୟ ତରଫରୁ ଚିଠି ନଂ ୨୧୮୨/୩ ୨୦୨୫ ରେ କେନ୍ଦୁଝର ଡିଆରସିଏସଙ୍କୁ ରିପୋର୍ଟ ମଗାଯାଇଥିଲା । ପରେ ସଦସ୍ୟତା ଚାଲିଯାଇଥିବା ଡାଇରେକ୍ଟର ମାନଙ୍କ ତାଲିକା ଆନନ୍ଦପୁର ଏଆରସିଏସଙ୍କୁ ସମିତି ସମ୍ପାଦକ ଉମାକାନ୍ତ ନାୟକ ଜାରି ହୋଇଥିବା ଫର୍ମାଟରେ ପ୍ରଦାନ କରିଥିଲେ । ଉକ୍ତ ସମବାୟ ସମିତି ଅଧୀନରେ ନିର୍ବାଚିତ ଏକ ୧୫ ଜଣିଆ ମ୍ୟାନେଜମେ□ କମିଟିରୁ ନିର୍ବାଚିତ ୯ ଜଣ ଡାଇରେକ୍ଟରଙ୍କ ସଦସ୍ୟତା ଗତ ଜୁନ ୨୦୨୩ରୁ ନୂତନ ଭାବେ ଖୋଲିଥିବା ଗେଡ଼ମା(୪ ଜଣ)ଏବଂ କଳିଙ୍ଗା (୫ ଜଣ)ସମିତିକୁ ଚାଲିଯାଇଥିଲା। କିନ୍ତୁ ସଦସ୍ୟତା ଚାଲିଯିବା ପରବର୍ତ୍ତୀ ସମୟରେ ଡାଇରେକ୍ଟର ମାନେ ପୂର୍ବ ତଥା ଡ଼ଅଁର ସମବାୟ ସମିତିର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଆସୁଥିଲେ । ଏପରିକି ରାଜ୍ୟ ସମବାୟ ବିଭାଗ ନୋଟିଫିକେସନ ନଂ ୧୧୧୭୧/୨୯.୯.୨୦୨୩ ଅନୁସାରେ ପୂର୍ବ ସମବାୟ ସମିତି କମିଟି ସଦସ୍ୟ ମାନଙ୍କର ସଦସ୍ୟତା ନୂତନ ସମବାୟ ସମିତିର ନିର୍ବାଚିତ କମିଟି ନହେବା ପର୍ଯ୍ୟନ୍ତ ଟ୍ରାନ୍ସଫର ହେବନି ବୋଲି ପ୍ରକାଶ ପାଇଥିଲା । ଉକ୍ତ ନୋଟିଫିକେସନ ଆଧାରରେ ରାଜ୍ୟ ଆରସିଏସ ତରଫରୁ ଚିଠି ନଂ ୧ ୮ ୧ ୦ ୭ / ୧୩.୧୦.୨୦୨୩ରେ ସମସ୍ତ ଡିଆରସିଏସ ଏବଂ ଏଆରସିଏସ ଙ୍କୁ ମଧ୍ୟ ଅବଗତ କରାଯାଇଥିଲା । ଉକ୍ତ ପ୍ରସଙ୍ଗକୁ ବିରୋଧ କରି ଶାଳନିଆଁ ଗ୍ରାମର ଜଣେ ସାଧାରଣ ଚାଷୀ ମାନସ ବେହେରା ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟଳୟରେ ଏକ ମାମଲା ଦାୟର କରିଥିବା କହିଛନ୍ତି ଷ ମାମଲା ନଂ ଡବ୍ଲ୍ୟୁପି(ସି)୪୫୭୦/ ୨୦୨୫ ଅଟେ।ମାନ୍ୟବର ଉଚ୍ଚ ନ୍ୟାୟଳୟ ଘଟଣା ଦିଗରେ ପକ୍ଷ ଭୁକ୍ତ ଅଧିକାରୀଙ୍କ ଠାରୁ ଘଟଣା ସମ୍ପର୍କିତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲା ସପ୍ତାହ ଆରମ୍ଭ ମାର୍ଚ୍ଚ ୧୦ ତାରିଖକୁ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି । ଏଥିସହ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ଆବେଦନକାରୀଙ୍କ ବିରୁଦ୍ଧରେ କୋଣସି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ମଧ୍ୟବର୍ତ୍ତୀ କାଳୀନ ନିର୍ଦ୍ଦେଶ ମଧ୍ୟ ଜାରି ହୋଇଛି । ସୂଚନା ଯୋଗ୍ୟ ଆବେଦନକାରୀ ମାନସ ବେହେରା ମ୍ୟାନେଜମେ□ କମିଟିର ଡାଇରେକ୍ଟର ନଥିବା ବେଳେ ଉକ୍ତ ମାମଲା ଦାୟର କରିଛନ୍ତି । ତେବେ ଉକ୍ତ ଘଟଣାରେ ସମିତି ସମ୍ପାଦକଙ୍କ ଭୂମିକା ସନ୍ଦେହ ସୃଷ୍ଟି କରିଛି । ସଦସ୍ୟତା ସ୍ଥାନାନ୍ତର ପରେ ସମ୍ପାଦକ ସେହି ସଦସ୍ୟଙ୍କ ସହଯୋଗ ଏବଂ ଦସ୍ତଖତରେ ଲକ୍ଷାଧିକ ଟଙ୍କା କାରବାର କରିଛନ୍ତି। ତେଣୁ ସମ୍ପାଦକଙ୍କୁ ପ୍ରଥମେ ଚାକିରୀରୁ ସମ୍ପୂର୍ଣ୍ଣ ବହିଷ୍କାର ସହ କ୍ରିମିନାଲ କେସ ତାଙ୍କ ବିରୁଦ୍ଧରେ ଦାୟର କରାଯାଉ ବୋଲି ମତ ପ୍ରକାଶ ପାଉଛି ।

କରଞ୍ଜିଆ ବିଧାୟକ ଓ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ଙ୍କ ଅଚ୍ଛନକ ଠାକୁରମୁଣ୍ଡା କୃଷି କାର୍ଯ୍ୟାଳୟ ପରିଦର୍ଶନ

କରଞ୍ଜିଆ,(ମହାଭାରତ) କରଞ୍ଜିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପଦ୍ମଚରଣ ହାଇବୁରୁ ଓ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଙ୍କ ନେତୃତ୍ୱରେ ଆଜି ଠାକୁରମୁଣ୍ଡା ବ୍ଲକ କୃଷି କାର୍ଯ୍ୟାଳୟ କୁ ଅଚ୍ଛନକ ପହଞ୍ଚି ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନାକୁ ତଦାରଖ କରିଥିଲେଯ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଚାଷୀ ମାନଙ୍କର ଆୟ କୁ ଦୁଇ ଗୁଣା କରିବା ସହିତ ଚାଷୀ ମାନଙ୍କୁ ସମୃଦ୍ଧ କରିବା ପାଇଁ କରିଥିବା ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ପଚାରି ବୁଝିଥିଲେ। ଠାକୁରମୁଣ୍ଡା କୃଷି ଅଧିକାରୀ କ୍ଷୀରୋଦ ଚାନ୍ଦ, ସମେତ ସମସ୍ତ କୃଷି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଓଡିଶା ରାଜ୍ୟ ସରକାର ଚାଷୀ ମାନଙ୍କୁ ଆଳୁ ବିହନ, ମୁଗ, ବିରି, ଶୋରିଷ, ମଶୁର, ଶୋଲା, ମଟର ଓ ସୂର୍ଯ୍ୟମୁଖୀ ବିହନ ମାଗଣାରେ ଚାଷୀ ମାନଙ୍କୁ ଯୋଗାଇ ଦେଉଛନ୍ତି। ତତସହିତ ସାର ଓ କୀଟନାଶକ ମଧ୍ୟ ମାଗଣାରେ ଯୋଗାଇ ଦେଉଛନ୍ତି। ଏହି ସବୁ ଜିନିଷ ସଠିକ ଚାଷୀ ମାନଙ୍କ ପାଖରେ ପହ□ୁଛିକି ନାହିଁ ତାହା ତଦାରଖ କରିଥିଲେ।ରାଜ୍ୟ ସଭାପତି ଙ୍କ ସହିତ କୃଷକ ମୋର୍ଚ୍ଚା କାର୍ଯ୍ୟକରିଣୀ ସଦସ୍ୟ ବିମଳ କୁମାର ସେନାପତି, ମହୁଲଡ଼ିହା ମଣ୍ଡଳ ସଭାପତି ରଘୁନାଥ ନାୟକ, ଠାକୁରମୁଣ୍ଡା ମଣ୍ଡଳ ସଭାପତି ତ୍ରିନାଥ ମହାନ୍ତ, ବିଛେନ୍ଦ୍ ବେହେରା ପ୍ରମୁଖ ଙ୍କ ସମେତ ବିଜେପି କାର୍ଯ୍ୟକାର୍ତ୍ତା ।

ବିକଶିତ ଗାଁ ବିକଶିତ ଓଡିଶା ନିମନ୍ତେ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ

ଆସିକା(ମହାଭାରତ): ଓଡିଶା ସରକାରଙ୍କ ପଞ୍ଚାୟତରାଜ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପ କାର୍ଯ୍ୟକାରୀ କିପରି କରାଯିବା ସେ ବିଷୟକୁ ନେଇ ଆସିକା ପଞ୍ଚାୟତ ସମିତି ବୈଠକ ସମିତି ସମ୍ମିଳନୀ କକ୍ଷରେ ଆସିକା ବ୍ଲକ ଅଧକ୍ଷା ତ୍ରିବେଣୀ ନାହାକ ଙ୍କ ଅଧକ୍ଷତା ରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ବ୍ଲକର ଗୋଷ୍ଠି ଉନ୍ନୟନ ଅଢିକାରୀ ସାଗରୀକା ଷଡ଼ଙ୍ଗି,ଉପାଧକ୍ଷା ରେଶମା ଦୋରା ଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି ।ଗ୍ରାମୀଣ ଓଡିଶାର ଜୀବନଧାରଣର ମାନ ବୃଦ୍ଧି ଏବଂ ଅର୍ଥନୈତିକ ଅଭିବୃଦ୍ଧି ସହିତ ରାଜ୍ୟର ସାମଗ୍ରିକ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ସରକାରଙ୍କ ଏହି ନୂତନ ଯୋଜନା ପ୍ରଣୟନ କରିବା ପାଇଁ ଗତ ଫେବୃଆରୀ ୧୪ ତ

ସେଞ୍ଚୁ ରିୟାନ ବିଶ୍ୱ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଉପକଣ୍ଠରେ ଥିବା ସେଞ୍ଚୁରିଅନ ୟୁନିଭରସିଟି ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ର ବାର୍ଷିକ ଉତ୍ସବ ଗଜଜ୍ୟୋତି ୨୦୨୫ ଉଦଯାପିତ ହୋଇଯାଇଛି । ତିନି ଦିନ ଧରି ଏହି ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ଛାତ୍ର ଛାତ୍ରୀ, ଶିକ୍ଷକ ଏବଂ ଅତିଥି ଏକାଠି ହୋଇ ବିଭିନ୍ନ ପଦର୍ଶନ ପ୍ରତିଯୋଗିତା ଏବଂ ପଦର୍ଶନୀ ରେ ଭାଗ ନେଇଥିଲେ । ପ୍ରି ଗଜଜ୍ୟୋତି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ସେମାନଙ୍କର ପ୍ରତିଭା ନୃତ୍ୟ ସଙ୍ଗୀତ, ଏବଂ ନାଟକ ମାଧ୍ୟମରେ ପଦର୍ଶନ କରିଥିଲେ । ପ୍ରଥମ ଦିବସରେ ଟ୍ୟାବ୍ଲୋ କାର୍ନିଭଲ ଲା□ଣର ସୋ ହୋଇ ଥିଲା । ଦ୍ୱିତୀୟ ଦିନରେ ସକାଳେ ଛାତ୍ର ଛାତ୍ରୀ ପ୍ରଭାତୀ ପଦର୍ଶନ ରେ ଶାସ୍ତ୍ରୀୟ ନୃତ୍ୟ ରୁ ଆରମ୍ଭ କରି ଆଧୁନିକ ସଙ୍ଗୀତ ପରିବେଷଣ କରିଥିଲେ ।ଅପରାହ୍ନରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ସମ୍ମାନିତ କରାଯାଇଥିଲା । ତୃତୀୟ ଦିନ ପ୍ରଭାତର ଶିକ୍ଷକ ପଦର୍ଶନ ଆୟୋଜିତ ହୋଇଥିଲା ଅପରାହ୍ନରେ ପ୍ରୋଜେକ୍ଟ ପଦର୍ଶନୀ ଏବଂ ଛାତ୍ର ଛାତ୍ରୀ ପରସ୍ପର ସହିତ ଆଲୋଚନା ଆୟୋଜିତ ହୋଇଥିଲା ।ସନ୍ଧ୍ୟାରେ ଏକ ରୋମା□କ ଷ୍ଟାର ନାଇଟ ଆୟୋଜିତ ହୋଇଥିଲା । ଏଥିରେ ପ୍ରସିଦ୍ଧ ଗାୟକ ଏଲ ଭି ରେଡ୍ୟ ଏବଂ ଡିଜେ ମିଷ୍ଟି ପଦର୍ଶନ କରିଥିଲେ ।

ଆରୁହାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଗଁଦିଆ,(ମହାଭାରତ): ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଗଁଦିଆ ବ୍ଲକ ର ଆରୁହାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁରେଶ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତ୍ୱାବଧାନରେ ଗ୍ରାମ ସଂଗଠନ ର ସଭାପତି ଚନ୍ଦ୍ର ଶେଖର ସାହୁ ଙ୍କ ଅଧକ୍ଷତାରେ ବିଦ୍ୟାଳୟ ପରିସରରେ ଗ୍ରାମ ସଂଗଠନ ର ସମ୍ପାଦକ ଆଦିକନ୍ଦ ପ୍ରଧାନ , ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଅଶୋକ କୁମାର ବେହେରା ଓ ଗ୍ରାମବାସୀ ଙ୍କ ସହଯୋଗ ରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ସ୍ୱାଇଁ ଜଗନ୍ନାଥ ଙ୍କ ତୈଳ ଚିତ୍ର ରେ ପୁଷ୍ପ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ କୁ ଉଦ୍ ଘାଟନ କରିଥିଲେ ଓ ଭଲ ପାଠ ପଢ଼ିବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶା ର ସଭାପତି ପ୍ରକୃତି ବନ୍ଧୁ ହରିହର ସାହୁ ଗ୍ରପ ମୁକ୍ତ ହୋଇ ଅଧ୍ୟୟନ କରିବା ସହିତ ପରିବେଶ ସୁରକ୍ଷା ପାଇଁ ନିଜ ବାଡ଼ିରେ ଝରା ରୋପଣ କରିବା ସହିତ ପ୍ଲାଷ୍ଟିକ ମୁକ୍ତ ଭାରତ ଗଢିବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବଣିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ତଥା ଶିକ୍ଷାବିତ୍ ବିଦ୍ୟାଧର ପରିଡ଼ା ପିତା ମାତା ଙ୍କ ସ୍ୱପ୍ନ କୁ ସାକାର କରିବାକୁ ପରାମର୍ଶ ଦେଇଥିଲେୟ ବିଧାରପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୂର୍ଯ୍ୟକାନ୍ତ ଦଳେଇ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେୟ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟ ର ଶିକ୍ଷକ ସୁବାସ ଚନ୍ଦ୍ର ବେହେରା ଶିକ୍ଷୟିତ୍ରୀ ସୁମିତ୍ରା ନାୟକ, ପୁଷ୍ପଲତା ବେହେରା ଓ ସୁଚରିତା ରାଉତ କାର୍ଯ୍ୟକ୍ରମ କୁ ଆଗେଇ ନେଇଥିଲେ । ବିଦ୍ୟାଳୟ ର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଛତୁ ଚାଷ ଦେଉଛି ରୋଜଗାର, ଆର୍ଥିକ ସ୍ୱାବଲମ୍ବୀ ହେଉଛନ୍ତି ବୃନ୍ଦାବତୀ

ଅନ୍ୟ ମାନଙ୍କ ପାଇଁ ସାଜିଛନ୍ତି ପ୍ରେରଣାର ଉତ୍ସ

କନ୍ଧମାଳ:(ମହାଭାରତ):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ପଞ୍ଚାୟତ ର ୭ ନମ୍ବର ୱାର୍ଡ କୁଲିଆକୁଟି ଗାଁର ବୃନ୍ଦାବତୀ କହଁର ଛତୁ ଚାଷ କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରୁଥିବା ଦେଖିବାକୁ ମିଳିଛି । ଫିରିଙ୍ଗିଆ ବ୍ଲକ ରେ ଧାନ ଚାଷ ଛାଡିଦେଲେ ଅନ୍ୟାନ୍ୟ ଚାଷ ପାଇଁ ସେଭଳି କୌଣସି ଜଳ ସେଚନ ର ସୁବିଧା ନଥିବା ବେଳେ ବର୍ତମାନ ଫିରିଙ୍ଗିଆ ବ୍ଲକ ର ରତଙ୍ଗ, ଜାର୍ଗା ପଦର, ପୋଡା ପଡା, ଭଳି ପ୍ରାୟ ଗାଁରେ ପରିବା ଚାଷ କରି ଭଲ ରୋଜଗାର କରୁଛନ୍ତି । ପ୍ରଶାସନ ର ଚାଷ ପ୍ରତି ବିଭିନ୍ନ ତାଲିମ ପ୍ରଦାନ କରିବା ସହ ଛତୁ, ଗେଣ୍ଡୁ ଫୁଲ, ଡ୍ରାଗନ ଫ୍ରୁଟ, ଷ୍ଟ୍ରବେରୀ ଚାଷ ଭଳି ଚାଷ କରିବାକୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରୁଛନ୍ତି । ତେବେ ଗାଁ ଗାଁ ରେ ବିଭିନ୍ନ ଚାଷ କୁ ଆପଣାଉଥିବା ବେଳେ ଠିକ ଭାବରେ ତାଲିମ ହେଉ ନଥିବାରୁ ଚାଷ କରି ବହୁ କ୍ଷତି ସହିବାକୁ ପଡୁଛି । ବୃନ୍ଦାବତୀ ଙ୍କ କ୍ଷେତ୍ରରେ ସେ ଗତ ୪ ବର୍ଷ ପୂର୍ବରୁ ଛତୁ ଚାଷ ପାଇଁ ମନ ବୋଳାଇଥିବା ବେଳେ ପ୍ରତିବର୍ଷ ବର୍ତମାନ ପର୍ଯ୍ୟନ୍ତ ଛତୁ ଚାଷ କରୁଛନ୍ତି । ଆଗରୁ କମ ଛତୁ ଚାଷ କରୁଥିବା ବେଳେ ଚଳିତ ବର୍ଷ ଭଲ ଛତୁ ଚାଷ ହେବା ସହ ଭଲ ରୋଜଗାର ମଧ୍ୟ ହେଉଥିବା କହିଛନ୍ତି ବୃନ୍ଦାବତୀ । ଯାହା ଚାଷ ହେଉଛି ଫିରିଙ୍ଗିଆ ବଜାର ରେ ବୁଲାଇ ବିକ୍ରି କରିଥିବା ବେଳେ କେଜି ପ୍ରତି ୧୮୦ ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି ଓ ପ୍ରତି ୨ ରୁ ୩ ଦିନ ମଧ୍ୟରେ ୯ ରୁ ୧୦ କେଜି ପର୍ଯ୍ୟନ୍ତ ଛତୁ ଅମଳ ହେଉଥିବା କହିଛନ୍ତି ବୃନ୍ଦାବତୀ । ବର୍ତମାନ ଧୀଙ୍ଗରି ଛତୁ ଚାଷ କରିଛନ୍ତି ଓ ଖାଉଟି ମଧ୍ୟ ଛତୁ ଭଲ ହୋଇଥିବା ଦେଖି ଖୁସିରେ କିଣୁଛନ୍ତି । ସବୁଠାରୁ ବଡ଼ କଥା ହେଉଛି ଜଣେ ମହିଳା ହୋଇ ନିଜ ଚେଷ୍ଟାରେ ଛତୁ ଚାଷ କରି ଆର୍ଥିକ ସ୍ୱାବଲମ୍ବୀ ହୋଇ ନିଜ ପରିବାର କୁ ମଧ୍ୟ ଚଳାଇବାରେ ସହାୟକ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ର ଉତ୍ସ ପାଲଟିଛନ୍ତି । କେବଳ ଏତିକି ନୁହେଁ ନିଜ ବାଡ଼ିରେ ଅଳ୍ପ ଅଳ୍ପ ପରିବା ମଧ୍ୟ ଚାଷ କରୁଥିବା ବେଳେ ଧାନ ଚାଷ ମଧ୍ୟ କରୁଥିବା କହିଛନ୍ତି ବୃନ୍ଦାବତୀ । ଆଗାମୀ ଦିନରେ ସରକାରଙ୍କ ତରଫରୁ ସହାୟତା ଯୋଗାଇ ଦେବା ସହ ବିଭିନ୍ନ ଆବଶ୍ୟକୀୟ ସରଞ୍ଜାମ ଯୋଗାଇଦେଲେ ଅଧିକ ଚାଷ କରି ଭଲ ୨ ପଇସା ରୋଜଗାର ହୋଇ ପାରିବ ବୋଲି ଆଶା ରଖିଛନ୍ତି ବୃନ୍ଦାବତୀ ।

ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ବାଥୁଡି ସାମାଜ ଉତ୍ସାହିତ

କପ୍ତିପଦା -(ମହାଭାରତ):କପ୍ତିପଦା ମୁଖ୍ୟମନ୍ତ୍ରୀ ଙ୍କ ଗସ୍ତ କୁ ନେଇ ଚଳଚଞ୍ଚଳ ।ମାର୍ଚ୍ଚ ୧ ତାରିଖ ରେ ଉଦଳା ଗସ୍ତ ରେ ଆସୁଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ୧ ତାରିଖ ଦିନ ଉଦଳା ସ୍ଥିତ ପାଟପୁର ଠାରେ ବାଥୁଡି ସାମାଜ ପକ୍ଷରୁ ତୃତୀୟ ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଯୋଗ ଦେବେ । ସେଥିପାଇଁ ବାଥୁଡି ସାମାଜ ର ପରିବାର ମାନେ ଖୁସି ପ୍ରକଟ କରିଛନ୍ତି । ମୁଖ୍ୟମନ୍ତ୍ରୀ ଙ୍କ କାର୍ଯ୍ୟକ୍ରମ ଓ ତାଙ୍କୁ ସ୍ୱାଗତ କରିବା ପାଇଁ ସାମାଜ ପକ୍ଷରୁ ଚାଲିଛି ପ୍ରସ୍ତୁତି ।ସମସ୍ତଙ୍କ ମନରେ ଖୁସି ଦେଖିବାକୁ ମିଳିଛି ।ତେବେ ମୁଖ୍ୟମନ୍ତ୍ରୀଙ୍କ ଏହା ଉଦଳା କୁ ପ୍ରଥମ ଗସ୍ତ ଥିବାରୁ ସମସ୍ତଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି ।ଏ ନେଇ ପାଟପୁର ଠାରେ ଚାଲିଛି ବ୍ୟାପକ ପ୍ରସ୍ତୁତି । ମନରେ ଖୁସି ଓ ଆନନ୍ଦ କହିଲେ ନ ସରେ । ଏହି ପରି କି ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ବିଭିନ୍ନ ଯୋଜନା ର କାର୍ଯ୍ୟକ୍ରମ କୁ ଘୋଷଣା କରିବା ସହ ଉଦଘାଟନ କରିବେ ବୋଲି ଉଦଳା ବିଧାୟକ ଭାସ୍କର ମଢ଼େଇ କହିଛନ୍ତି ।

ହୋହାଲ୍ଲା ମଧ୍ୟରେ ଶେଷହେଲା ଦଶରଥପୁର ପଞ୍ଚାୟତ ସମିତି ବୈଠକ

ସାଂସଦଙ୍କ ଉପରେ ବର୍ଷିଲେ ପ୍ରମିଳା ଓ ସୁଜାତା

ଦଶରଥପୁର , (ମହାଭାରତ):ଦଶରଥପୁର ବ୍ଲକର ସମ୍ମିଳନୀ ଗୃହରେ ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ଚତୁର୍ଥ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏହି ବୈଠକଟି ହୋହାଲ୍ଲା ମଧ୍ୟରେ ଶେଷ ହୋଇଛି । ବ୍ଲକ ଅଧକ୍ଷ ଦିଗାମ୍ବର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଯାଜପୁର ସାଂସଦ ରବୀନ୍ଦ୍ର ବେହେରା, ବିଡ଼ିଓ ଆକାଶ ପଟ୍ଟନାୟକ, ବିଂଝାରପୁର ବିଧାୟିକା ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ଏବିଡ଼ିଓ ତ୍ରିଲୋଚନ ସେଠି, ଉପାଧକ୍ଷ ଝିଲ୍ଲୀ ମଲ୍ଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାସ ବିହାରି ଜେନା ଓ ଜିପିଇଓ ସୁମନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ମନସ୍ୱିନୀ ଦାଶ, ନିନାରାଣୀ ସାମଲ, ମାମିନା ମଲ୍ଲିକ, ୩୫ ଟି ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧିଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଗଣ ଯୋଗ ଦେଇଥିଲେ ତେବେ ପାଲଟପୁର ସରପଞ୍ଚ ଲିପିକା ମଲ୍ଲିକ, ଖଣ୍ଡରା ସରପଞ୍ଚ କୁଞ୍ଜ ବିହାରି ଦାଶ, ତଳିହା ସରପଞ୍ଚ ନିରାକାର ସାହୁ, କନିକାପଡା ସରପଞ୍ଚ ପ୍ରଦୀପ କୁମାର ଯେନା, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ ଓ ନିନାରାଣୀ ସାମଲ ପ୍ରମୁଖ ଧାନମଣ୍ଡିରେ କଟନି ଛଟନି ସାଙ୍ଗକୁ ଟୁକନ ଅବଧି ଶେଷ ହୋଇଥିଲେ ମଧ୍ୟ ମଣ୍ଡିରେ ଧାନ ପଡି ରହିବା ଘଟଣାକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିବା ସହ ସାଂସଦଙ୍କ ଠାରୁ ଉତ୍ତର ମାଗିଥିଲେ । ତେବେ ମଧୁଚନ୍ଦ୍ରିକା, ଆମ ବିଧାୟକ ଓ ଦଳୀୟ ବିଧାୟକ ଆଦି ଶବ୍ଦକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ, କଥାକଟା କଟି ଓ ପାଟିତୁଣ୍ଡ ହୋଇଥିଲା । ସେହିପରି କେତେକ ଜନ ପ୍ରତିନିଧି ମାନଙ୍କର ବିଭିନ୍ନ ପ୍ରଶ୍ନର ଉ□ର ବିଭାଗୀୟ ଅଧିକାରୀ ମାନେ ସଠିକ ଉତ୍ତର ନଦେଇ ପାରିବାରୁ ଏନେଇ ବିଧାୟିକା ପ୍ରମିଳା ମଲ୍ଲିକ ଓ ବିଧାୟିକା ସୁଜାତା ସାହୁ ବିଭାଗୀୟ ଅଧିକାରୀ ମାନଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିବା ସହ ଖୁବ ଶୀଘ୍ର ଏସବୁର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ବିଧାୟିକା ଦ୍ୱୟ ନିର୍ଦେଶ ଦେଇଥିଲେ । ଏଥିରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା, ମନରେଗା, ସାମାଜିକ ସୁରକ୍ଷା, ଖାଦ୍ୟ ଓ ଯୋଗାଣ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ଅନ୍ୟାନ୍ୟ ବିଭାଗ ବାବଦରେ ଆଲୋଚନା ହୋଇଥିଲା ।

ଚେତନା କେନ୍ଦ୍ର ନିକଟରେ ୫ ବର୍ଷ ର ଶିଶୁ ଉପରେ ଚଢ଼ିଲା ହଦଗଡ଼ ସରପଞ୍ଚଙ୍କ ଛତୁଆ ଗାଡ଼ି

ଭଦ୍ରକ(ମହାଭାରତ): ଆଜି ସକାଳୁ ସକାଳୁ ଦେଖିବାକୁ ମିଳିଛି ଏକ ହୃଦୟ ବିଦାରକ ଘଟଣା । ଯାହାକି ପଢ଼େ।ଶୀ ଭଦ୍ରକ ଜିଲ୍ଲାର ଦୋଳପଦୀ ରୁ ହଦଗଡ ପଞ୍ଚାୟତ ଚେତନା କେନ୍ଦ୍ର ଠାରେ ଯୀଶୁଖୀଷ୍ଟ ଙ୍କ ଏକ ପର୍ବ ଚାଲି ଥିଲା । ସେଠାକୁ ଭଦ୍ରକ ଜିଲ୍ଲାର ଦୋଳ ପଦୀ ଗାଁ ରୁ କାଳିଆ ମୁଣ୍ଡା ଓ ମୁକ୍ତା ମୁଣ୍ଡା ସେମାନଙ୍କ ପରିବାର ସହ ଆସିଥିଲେ । ହେଲେ କିଏ ଜାଣିଥିଲା ଯୀଶୁ ଖୀଷ୍ଟ ଙ୍କ ଖୁସି ର ପର୍ବ ରେ ଏମିତି ୫ବର୍ଷ ଛୁଆ କୁ ହରାଇ ବାହୁନୀ ବାହୁନି କାନ୍ଦୁଛି ମାୟ ଘଟଣା ଟି ଘଟିଛି ହଦଗଡ଼ ଚେତେନା କେନ୍ଦ୍ର ନିକଟ ରେୟ ହଦଗଡ଼ ପୂର୍ବତନ ସରପଂଚ ମଦନ ମୋହନ ନନ୍ଦୀ ଙ୍କ ର ଏହି ଗାଡ଼ି ବୋଲି ସୂଚନା ମିଳିଛି । ଯାହାକୁ ନେଇ ହଦଗଡ଼- ଚେତନା କେନ୍ଦ୍ର ଠାରେ ରାସ୍ତା ରୋକ ହୋଇଥିଲାୟ ସୋସ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ମୃତକ ଙ୍କ ପରିବାର କୁ ବୁଝା ସୁଝା କରିଥିଲା । ଏହାକୁ ନେଇ ପୋଲିସ ୩୯/୨୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣା କୁ ନେଇ ଗାଡ଼ି ର ଡ୍ରାଇଭର, ସେଥିରେ ଥିବା ଛତୁଆ ସହ ଗାଡ଼ିଟି କୁ ଜବତ କରିଛ ।

ଗୋ ଓ୍ୱେଲ୍ ଅଲମ୍ପିଆନ୍ ପ୍ରତିଯୋଗିତାରେ ବାଲିଗୁଡ଼ା ସେଣ୍ଟଜନ୍ ସ୍କୁଲର ଚମତ୍କାର ପ୍ରଦର୍ଶନ

ବାଲିଗୁଡ଼ା: ଗୋ ଓ୍ୱେଲ୍ ଅଲମ୍ପିଆନ୍ ସଙ୍ଗଠନ ନୂଆ ଦିଲ୍ଲୀ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସେଣ୍ଟ ଜନ୍ ସ୍କୁଲ୍ ରେ ଉଚ୍ଚ କୋଟୀର ପ୍ରଦର୍ଶନ । ଏହି ପ୍ରତିଯୋଗିତାରେ ବାଲିଗୁଡ଼ା ସେଣ୍ଟ ଜନ୍ ସ୍କୁଲ୍ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ହେଲେ ସେଥିରୁ ୧୫୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଉଚ୍ଚକୋଟୀର ପ୍ରଦର୍ଶନ କରି ସ୍ୱର୍ଣ୍ଣ ,ରୋପ୍ୟ ଓ କାଂସ୍ୟ ପଦକ ହାତେଇ ନେଇଛନ୍ତି । ଅଧକ୍ଷା ସିଷ୍ଟର ନମିତା କୁଲୁଙ୍କ ଅଧକ୍ଷତାରେ ସ୍କୁଲ୍ ପରିସରରେ ଏକ ସମ୍ବର୍ଧନା ସଭାର ଆୟୋଜିତ କରାଯାଇଥିଲା । ଏଥିରେ ଅଧକ୍ଷାଙ୍କ ସମେତ ଉପାଧକ୍ଷ ଫାଦେର ମନୋରଞ୍ଜନ ସିଂ,ଫାଦେର ଉଦୟନାଥ ବିଷୋୟୀ କୃତି ଛାତ୍ରଛାତ୍ରୀଙ୍କୁ ମେଡାଲ୍ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପିତା ପି.ସିଂ, ସିଷ୍ଟର ରେଖା, ସିଷ୍ଟର ଅଞ୍ଜଳି ଦାସ, ଶିକ୍ଷକ ଏସରାନ୍ ଦିଗାଲ,ଲକ୍ଷ୍ମୀକାନ୍ତ ନାୟକ, ବିଶ୍ୱଜିତ ନାୟକ,ଶିକ୍ଷୟିତ୍ରୀ ସ୍ୱାଗତିକା ପୁଷ୍ଟିଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିବା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟପଟେ ଏଭଳି ସଫଳତା ପାଇଁ ଅଧକ୍ଷା ନମିତା କୁଲୁ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କୁ ଶ୍ରେୟ ଦେଇଥିବା ବେଳେ ଏହି ଅନୁଷ୍ଠାନ ଆଗକୁ ଆହୁରି ଅଗ୍ରଗତି କରିବ ବୋଲି ଆଶା ବାନ୍ଧିଛନ୍ତି । ସେପଟେ ଏଭଳି ଏକ ଗୁରୁବପୂର୍ଣ୍ଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବା ଏବଂ ଏଥିରେ ସଫଳତା ପାଇବା ଆମପାଇଁ ଗର୍ବ । ଆମେ ଏହି ପୁରସ୍କାର ପାଇ ଯେତିକି ଖୁସି ଅଛୁ ଆମ ବିଦ୍ୟାଳୟକୁ ନେଇ ମଧ ବେସ୍ ଗର୍ବିତ ବୋଲି କହିଛନ୍ତି କୃତି ଛାତ୍ରଛାତ୍ରୀ ।

ଶିବ ସ୍ତୋତ୍ରରେ କମ୍ପିଲା ଶୈବ ପୀଠ

ଭକ୍ତି ଭାବରେ ବୁଡ଼ିଲେ ଶିବ ଭକ୍ତ

ଅନୁଗୋଳ,(ମହାଭାରତ):ମହାଶିବରାତ୍ରି ଏବଂ ଜାଗରଯାତ୍ରାକୁ ନେଇ ଅନୁଗୋଳ ଜିଲାର ସମସ୍ତ ଶୈବପୀଠ ଉତ୍ସବମୁଖର ହୋଇଉଠିଛି ପ୍ରାତଃରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ମାନସିକଧାରୀମାନେ ଶିବ ଆରାଧନାରେ ତଲ୍ଲୀନ ଥିବାବେଳେ ସବୁଠି ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ । ମନ୍ଦିର ଠାରୁ ଆରମ୍ଭ କରି ବେଢ଼ା ପର୍ଯ୍ୟନ୍ତ ସବୁଠି ଭକ୍ତ ଙ୍କ ଗହଳି ଓ ପ୍ରତ୍ୟେକ ଶୈବ ପୀଠ ଆଜି ଶିବ ଆରାଧନା ରେ ପ୍ରକମ୍ପିତ ହୋଇଛି । ମନ୍ଦିର ପରିବେଶ ମଧ୍ୟରେ ସମସ୍ତଙ୍କ ମୁଖରେ ହର ହର ମହାଦେବ ଧ୍ୱନି, ଶିବ ପଞ୍ଚାକ୍ଷରୀ ସ୍ତୋତ୍ର ରେ ଭଗବାନ ଓ ଭକ୍ତ ଙ୍କ ମିଳନ ଘଟିଛି । ପ୍ରାୟତଃ ସବୁ ଶୈବ ମନ୍ଦିର ରେ ଭୋର୍ ୪ ସମୟରୁ ଦ୍ୱାରା ଫିଟା ନୀତି , ମଙ୍ଗଳ ଆଳତି ପରେ ସକାଳ ଭୋଗ ହୋଇ ମହାଦେବ ଦର୍ଶନ ଦେଇଥିଲେ ଭକ୍ତ ମାନଙ୍କୁ , ମନ୍ଦିର ଗୁଡ଼ିକରେ ଶୃଙ୍ଖଳିତ ଦର୍ଶନ ପାଇଁ ଲମ୍ବାଧାଡ଼ି ଲାଗିଥିଲା । ଦିନତମାମ ଶ୍ରଦ୍ଧାଳୁମାନେ ଦିଅଁ ଦର୍ଶନ କରିଥିଲେ । ସନ୍ଧ୍ୟା ଆଳତି ପରେ ମହାଦେବଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଥିଲା ।ସ୍ଥାନ, ତିଥି , ନକ୍ଷତ୍ର ଓ ଶୃଙ୍ଖଳା ଦୃଷ୍ଟି ରୁ ମହାଦୀପ ର ସମ

ହାଇପରସୋନିକ୍ କ୍ଷେପଣାସ୍ତ୍ର ବ୍ୟବହାର କରିବାକୁ ଚୀନର ଯୋଜନା

ବେଜିଂ,୨୭।୨(ଏଜେନ୍ସି): ଦକ୍ଷିଣ ଚୀନ୍ ସାଗରରେ ଚୀନ୍ ଏବଂ ଫିଲିପାଇନ୍ସ ମଧ୍ୟରେ ବିବାଦ ଜାରି ରହିଛି । ଚୀନ୍ ସମ୍ପୂର୍ଣ୍ଣ ଦକ୍ଷିଣ ଚୀନ୍ ସାଗରକୁ ନିଜର ବୋଲି ଦାବି କରୁଛି । ଯେତେବେଳେ ଫିଲିପାଇନ୍ସ ଏହି ସମୁଦ୍ରରେ ନିଜର ଅଂଶ ଦାବି କରୁଛି । ଭାରତଠାରୁ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର କିଣିବା ପରେ ଫିଲିପାଇନ୍ସ ସହିତ ଚୀନ୍ର ବିବାଦ ଏବେ ବିପଜ୍ଜନକ ହେବାରେ ଲାଗିଛି । ସଦ୍ୟତମ ରିପୋର୍ଟ ଅନୁସାରେ, ଚୀନ୍ ଏକ ନୂତନ ବୁଡ଼ାଜାହାଜ ବିକଶିତ କରୁଛି, ଯାହା ପରମାଣୁ ହାଇପରସୋନିକ୍ କ୍ଷେପଣାସ୍ତ୍ର ବହନ କରିପାରିବ । ଏହି ବୁଡ଼ାଜାହାଜକୁ ଫିଲିପାଇନ୍ସ ବିରୁଦ୍ଧରେ ନିୟୋଜିତ କରାଯିବ । ଆମେରିକୀୟ ଟାଇଫୁନ୍ କ୍ଷେପଣାସ୍ତ୍ର ଏବଂ ଭାରତୀୟ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ନିୟୋଜନ ବିରୁଦ୍ଧରେ ଚୀନ୍ ହାଇପରସୋନିକ୍ କ୍ଷେପଣାସ୍ତ୍ର ନିୟୋଜନ କରିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି । ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ (ଏସସିଏମପି) ରିପୋର୍ଟ କରିଛି ଯେ, ଉହାନର ଏକ ଜାହାଜ କାରଖାନାରେ ବିକାଶାଧୀନ ବୁଡ଼ାଜାହାଜଟି ଫିଲିପାଇନ୍ସର ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀକୁ ଟାର୍ଗେଟ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ଆକ୍ରମଣାତ୍ମକ ବୁଡ଼ାଜାହାଜ ହେବ । ଏସସିଏମପିର ରିପୋର୍ଟ ଦର୍ଶାଉଛି, ବର୍ତ୍ତମାନ ପିପୁଲ୍ସ



ଲିବରେସନ ଆର୍ମି (ପିଏଲ୍ଏ) ଏହି ରିପୋର୍ଟକୁ ନିଶ୍ଚିତ କରିନାହିଁ ଯେ, ବୁଡ଼ାଜାହାଜ ଶ୍ରେଣୀ ବିକଶିତ ହେଉଛି କି ନାହିଁ । କିନ୍ତୁ ଏସସିଏମପି ରିପୋର୍ଟରେ କୁହାଯାଇଛି, ଚୀନ୍ ନୌସେନା ପାଇଁ ବୁଡ଼ାଜାହାଜ ଏବଂ ଯୁଦ୍ଧଜାହାଜ ନିର୍ମାଣ କରୁଥିବା ଚାଇନା ଷ୍ଟେଟ୍ ସିପ୍ ବିଲ୍ଡିଂ କର୍ପୋରେସନ (ସିଏସଏସସି) ମାଲିକାନାରେ ଥିବା ନୌସେନା ଏବଂ ବାଣିଜ୍ୟ ଜାହାଜକୁ ଡିଜାଇନ୍ ବିଷୟରେ ବିସ୍ତୃତ ସୂଚନା ଦିଆଯାଇଛି । ଏସସିଏମପି ଏହା ମଧ୍ୟ ରିପୋର୍ଟ କରିଛି ଯେ, ଏପ୍ରିଲ ୨୦୨୪ ଠାରୁ, ଫିଲିପାଇନ୍ସ ଉତ୍ତର ଫିଲିପାଇନ୍ସର ଲୁଜୋନ୍ ଦ୍ୱୀପରେ ଆମେରିକୀୟ ଟାଇଫୁନ୍ ଲଞ୍ଚର୍ ମୁତୟନ କରିଛି, ଯାହାକୁ ମୁଖ୍ୟତଃ ଚୀନ୍ ଉପରେ ଆକ୍ରମଣ କରିବା ପାଇଁ ବ୍ୟବହାର କରାଯାଇପାରିବ । ଏସସିଏମପି ରିପୋର୍ଟରେ କୁହାଯାଇଛି, ଚୀନ୍ ଯେଉଁ ବୁଡ଼ାଜାହାଜ ନିର୍ମାଣ କରୁଛି ତାହା ପରମାଣୁ ହାଇପରସୋନିକ୍ କ୍ଷେପଣାସ୍ତ୍ର ବହନ କରିବାକୁ ସକ୍ଷମମୟ ନୂତନ ବୁଡ଼ାଜାହାଜଟି ଓ୍ୱାଇଜେ-୨୧ କ୍ଷେପଣାସ୍ତ୍ର ସହିତ ସଜ୍ଜିତ ହେବାର ସମ୍ଭାବନା ଅଛି । ଯାହା ଏହାର ଟାଇପ୍ - ୦୯୩ ନ୍ୟୁକ୍ଲିୟର ଆଟାକ୍ ବୁଡ଼ାଜାହାଜ (ଏସଏସଏନ)ରେ ମଧ୍ୟ ଫିଟ୍ ହୋଇଛି । ଓ୍ୱାଇଜେ-୨୧ ଏକ ହାଇପରସୋନିକ୍ କ୍ଷେପଣାସ୍ତ୍ର, ଯାହାକୁ ଚୀନର ଟାଇପ୍ - ୦୫୫ କ୍ରୁଜରେ ମଧ୍ୟ ନିୟୋଜିତ କରାଯାଇଛି । ଏହି କ୍ଷେପଣାସ୍ତ୍ରର ଆନୁମାନିକ ଲକ୍ଷ୍ୟଭେଦ ସୀମା ୧,୫୦୦ ରୁ ୨,୦୦୦ କିଲୋମିଟର ରହିଛି । ଏହାର ବେଗ ପ୍ରାୟ ମାକ୍ ୧୦ । ଅନୁମାନ କରାଯାଉଛି ଯେ, ଏହି ବୁଡ଼ାଜାହାଜରେ ଏୟାର-ଇଣ୍ଡିପେଣ୍ଡେଣ୍ଟ ପ୍ରପଲ୍ସନ୍ (ଏଆଇପି) ପ୍ରଯୁକ୍ତିବିଦ୍ୟା ରହିବ । ଫିଲିପାଇନ୍ସ ଚୀନ୍ ବିରୁଦ୍ଧରେ ଆମେରିକୀୟ ଟାଇଫୁନ୍ କ୍ଷେପଣାସ୍ତ୍ର ପ୍ରଣାଳୀ ନିୟୋଜିତ କରିଛି । ଯାହା ସମଗ୍ର ଅଞ୍ଚଳରେ ଉତ୍ତେଜନାକୁ ଯଥେଷ୍ଟ ବୃଦ୍ଧି କରିଛି । ସେପ୍ଟେମ୍ବର ୨୦୨୪ରେ, ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି କହିଥିଲେ ଯେ, ଟାଇଫୁନ୍ କ୍ଷେପଣାସ୍ତ୍ରର ନିୟୋଜନ ଆଞ୍ଚଳିକ ଶାନ୍ତି ଏବଂ ସ୍ଥିରତାକୁ ଦୁର୍ବଳ କରିବ । ସେ ଚେତାବନୀ ଦେଇଥିଲେ, ଏହି କ୍ଷେପଣାସ୍ତ୍ରର ମୁତୟନ ଆଞ୍ଚଳିକ ଦେଶମାନଙ୍କ ସ୍ୱାର୍ଥରେ ନୁହେଁ । ତଥାପି, ଫିଲିପାଇନ୍ସ ପ୍ରତିରକ୍ଷା ସଚିବ ଗିଲବର୍ଟୋ ଡେଓଡୋରୋ ଏହି ମନ୍ତବ୍ୟର ଜବାବ ଦେଇ କହିଥିଲେ ଯେ, ଚୀନ୍ ଫିଲିପାଇନ୍ସକୁ ଏହାର ପ୍ରତିରକ୍ଷା କ୍ଷମତା ନିର୍ମାଣ କରିବାରୁ ରୋକିବା ପାଇଁ ବିପରୀତ ମନସ୍ତତ୍ତ୍ୱ ବ୍ୟବହାର କରୁଛି ।

ଲୁ' ପାଇଁ ୩ ରାଜ୍ୟକୁ ସତର୍କ ସୂଚନା

ନୂଆଦିଲ୍ଲୀ ୨୭।୦୨(ଏଜେନ୍ସି):: ସାରା ଦେଶରେ ପାଗରେ ପରିବର୍ତ୍ତନ ଦେଖାଯାଉଛି । ପଶ୍ଚିମ ବାୟୁମଣ୍ଡଳ ଯୋଗୁଁ ପାହାଡିଆ ଅଞ୍ଚଳରେ ତୁଷାରପାତ ହେଉଛି । ସେହି ସମୟରେ, ସମତଳ ଅଞ୍ଚଳର କିଛି ରାଜ୍ୟରେ ବର୍ଷା ହେଉଛି ଏବଂ କିଛି ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଉଛି ପାଣିପାଗ ବିଭାଗ ଅନୁଯାୟୀ, ଆଗାମୀ ତିନି ଦିନ ପାଇଁ ଜମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ବର୍ଷା ଏବଂ ତୁଷାରପାତ ହେବାର ପୂର୍ବାନୁମାନ କରାଯାଇଛି । ସେହି ସମୟରେ, ମହାରାଷ୍ଟ୍ର, ଓଡ଼ିଶା, ଗୁଜରାଟ ଏବଂ ମଧ୍ୟପ୍ରଦେଶର କିଛି ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବା ହେତୁ ଗରମ ପ୍ରଭାବ ଦେଖିବାକୁ ମିଳୁଛି । ଏହା ବ୍ୟତୀତ ୨୬ ରୁ ୨୮ ଫେବୃଆରୀ ପର୍ଯ୍ୟନ୍ତ ଦିଲ୍ଲୀ ଏବଂ ୟୁପିରେ ବର୍ଷା ହେବାର ସମ୍ଭାବନା ରହିଛି ।

ଗୁଜୁରାଟରେ, ପାଣିପାଗ ବିଭାଗ ତିନି ଦିନ ପାଇଁ ଗରମ ଲହରୀ ପାଇଁ ହଳଦିଆ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ କହିଛି ଯେ ୨୫ ରୁ ୨୭ ଫେବୃଆରୀ ପର୍ଯ୍ୟନ୍ତ ଗୁଜରାଟ ଗରମ ପବନର କବଳରେ ରହିବ ।ଏହା ବ୍ୟତୀତ, ବିଭାଗ କର୍ଣ୍ଣାଟକର ଅନେକ ଅଞ୍ଚଳ ପାଇଁ ଗ୍ରୀଷ୍ମ ପ୍ରବାହ ସତର୍କତା ମଧ୍ୟ ଜାରି କରିଛି ।ଏହା ସହିତ, ଦକ୍ଷିଣ କନ୍ନଡ, ଉଡୁପି ଏବଂ ଉତ୍ତର କନ୍ନଡ ଜିଲ୍ଲାରେ ସର୍ବାଧିକ ତାପମାତ୍ରା ୩୬-୪୦ ଡିଗ୍ରୀ ସେଲସିୟସ୍ ରହିବ ବୋଲି ଆଶା କରାଯାଉଛି । ସୋମବାର କେରଳର କନ୍ନୁରରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହିଥିଲା ।

ପାଣିପାଗ ବିଭାଗ ଅନୁଯାୟୀ, ମୁମ୍ବାଇର ସର୍ବାଧିକ ତାପମାତ୍ରା ୩୨ ରୁ ୩୪ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ପହଞ୍ଚିବାର ସମ୍ଭାବନା ରହିଛି । ଯାହା ଫଳରେ ଏଠାରେ ଗରମ ବୃଦ୍ଧି ପାଇପାରେ ଭାରତୀୟ ପାଣିପାଗ ବିଭାଗ ମହାରାଷ୍ଟ୍ରର କିଛି ଜିଲ୍ଲାରେ ଗରମ ଲହରୀ ପାଇଁ ୟେଲୋ ଆଲର୍ଟ ଜାରି କରିଛି ।

ସୋମବାର ଦିନ, ମୁମ୍ବାଇର ସର୍ବାଧିକ ତାପମାତ୍ରା ୩୮.୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା । ଯାହା ଗତ ପାଞ୍ଚ ବର୍ଷ ମଧ୍ୟରେ ଫେବୃଆରୀ ମାସର ସର୍ବାଧିକ ତାପମାତ୍ରା ଏହା ବ୍ୟତୀତ ମଧ୍ୟପ୍ରଦେଶର ପାଗରେ ନିରନ୍ତର ପରିବର୍ତ୍ତନ ଦେଖାଯାଉଛି । ଏପରି ପରିସ୍ଥିତିରେ, ତାପମାତ୍ରା ପୁଣି ଥରେ ବୃଦ୍ଧି ପାଇବା ଆରମ୍ଭ କରିଛି । ଆଗକୁ ପାରଦ ଦୁଇରୁ ତିନି ଡିଗ୍ରୀ ବୃଦ୍ଧି ପାଇପାରେ ବୋଲି ଆଇଏମଡି ଆକଳନ କରିଛି ।

ଆଜି ସନ୍ଧ୍ୟାରୁ ୨୮ ଫେବୃଆରୀ ପର୍ଯ୍ୟନ୍ତ ଦିଲ୍ଲୀରେ ସକାଳେ ଏବଂ ସନ୍ଧ୍ୟାରେ ହାଲୁକା ବର୍ଷା ହୋଇପାରେ । ଯାହା ଫଳରେ ତାପମାତ୍ରା ୧ ରୁ ୨ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇବ ଏହା ବ୍ୟତୀତ ମାର୍ଚ୍ଚ ୧, ୨ ଏବଂ ୩ ରେ ମେଘ ରହିବ ଉତ୍ତର ପ୍ରଦେଶରେ ମଧ୍ୟ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ପାଗ ପୁଣି ଥରେ ପରିବର୍ତ୍ତନ ହେବାକୁ ଯାଉଛି ।

ଫେବୃୟାରୀ ୨୭ ତାରିଖରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହେବ ବୋଲି ବିଭାଗ ପୂର୍ବାନୁମାନ କରିଛି ।ନୋଏଡା, ଗାଜିଆବାଦ ସମେତ ୟୁପିର ଅନେକ ଜିଲ୍ଲାରେ ବର୍ଷା ହୋଇପାରେ, ଯଦିଓ ଆଜି ପାଗ ଶୁଖିଲା ରହିବ । ମଙ୍ଗଳବାର ହରିୟାଣା ଏବଂ ପଞ୍ଜାବରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରେକର୍ଡ କରାଯାଇଛି ।

ମେ ୨ରେ ଖୋଲିବ କେଦାରନାଥ ଧାମ

ଡେରାଡୁନ,୨୭।୨(ଏଜେନ୍ସି): ଖୋଲିବ ବାବା କେଦାରନାଥଙ୍କ ଧାମ୍ । ଆରମ୍ଭ ହେବ ଚାରିଧାମ ଯାତ୍ରା... ପବିତ୍ର ମହାଶିବରାତ୍ରି ଅବସରରେ ସ୍ଥିର ହେଲା ତାରିଖ ଓ ସମୟ । ଯେଉଁ ସମୟକୁ ଯେଉଁ ମୁହୂର୍ତ୍ତକୁ କୋଟି କୋଟି ଶିବଭକ୍ତ ଅପେକ୍ଷା କରି ରହିଥିଲେ ଶେଷରେ ସେହି ସମୟ ଆସିଯାଇଛି । ଆଉ ମହାଦେବ ବାବା କେଦାରନାଥଙ୍କ କପାଟ ଖୋଲିବାର ଦିନ ଓ ମୁହୂର୍ତ୍ତର ସ୍ଥିର ହୋଇଛି । ଚଳିତ ବର୍ଷ ମେ' ୨ରେ ଖୋଲିବ କେଦାରନାଥଙ୍କ କପାଟ । ଠିକ୍ ସକାଳ ୭ଟାରେ ଏହି ଦିବ୍ୟ କାର୍ଯ୍ୟର ଆରମ୍ଭ କରାଯିବ ଆଉ ସେହି ସମୟରୁ ହିଁ ଆରମ୍ଭ ହେବ ଚାରିଧାମ ଯାତ୍ରା । ତେବେ ଉଖୀମଠ ସ୍ଥିତ ଓଁକାରେଶ୍ୱର ମନ୍ଦିରରୁ ବାବାଙ୍କ ଶୋଭାଯାତ୍ରା ମେ ୧ରେ କେଦାରନାଥରେ ପହଞ୍ଚିବ ଆଉ ମେ ୨ ସକାଳେ କପାଟ ଖୋଲାଯିବ । ତେବେ ଏକାଦଶ ଜୋତିର୍ଲିଙ୍ଗ ଭାବେ ପରିଚିତ ବାବା କେଦାରନାଥଙ୍କ ଧାମ ପ୍ରତି ବର୍ଷ ଶୀତଋତୁରେ ବନ୍ଦ ରୁହେ । ପ୍ରବଳ ତୁଷାରପାତ ପାଇଁ ୬ ମାସ ଏହି ଧାମ ବନ୍ଦ ରହୁଥିବା ବେଳେ ଏହି ୬ ମାସ ଯାଏଁ ଉଖୀମଠ ସ୍ଥିତ ଓଁକାରେଶ୍ୱର ମନ୍ଦିରରେ ବାବାଙ୍କ ପୂଜାର୍ଚ୍ଚନା କରାଯାଏ ।

ଇଣ୍ଡୋନେସିଆରେ ଭୂକମ୍ପ ଝଟ୍‌କା

ଇଣ୍ଡୋନେସିଆ,୨୭।୨(ଏଜେନ୍ସି): ଭୂକମ୍ପରେ ଥରିଲା ଇଣ୍ଡୋନେସିଆ । ତୀବ୍ର ଭୂକମ୍ପର ଝଟକା ଅନୁଭବ କଲେ ଇଣ୍ଡୋନେସିଆବାସୀ । ଇଣ୍ଡୋନେସିଆର ସୁଲାୱେସୀ ଦ୍ୱୀପ ନିକଟରେ ଭୂକମ୍ପ ଅନୁଭୂତ । ତେବେ ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୬.୧ ରେକର୍ଡ ହୋଇଛି । ସ୍ଥାନୀୟ ସମୟ ଅନୁସାରେ ଆଜି ସକାଳ ୬.୫୫ ମିନିଟରେ ଭୂକମ୍ପର ଝଟକା ଲାଗିଥିଲା । ସେପଟେ ଭୂକମ୍ପର ପରେ ସୁନାମୀର କୌଣସି ଆଶଙ୍କା ନଥିବା ଭୂବିଜ୍ଞାନୀମାନେ କହିଛନ୍ତି । ତେବେ ୨୦୨୧ରେ ଇଣ୍ଡୋନେସିଆର ସେହି ସୁଲାୱେସୀରେ ଭୂକମ୍ପର ଝଟକା ଲାଗିଥିଲା । ଯାହାର ତୀବ୍ରତା ଥିଲା ୬.୨ ଏବଂ ସେଥିରେ ୧୦୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ହଜାର ହଜାର ଲୋକ ବେଘର ହୋଇଥିଲେ ।୨୦୧୮ରେ ବି ଭୂକମ୍ପ- ଇଣ୍ଡୋନେସିଆ ସୁଲାୱେସୀର ପାଲୁରେ ଭୂକମ୍ପ ହୋଇଥିଲା । ୭.୫ ତୀବ୍ରତା ବିଶିଷ୍ଟ ଏହି ଭୂକମ୍ପରେ ବଡ ସୁନାମୀ ମାଡି ଆସିଥିଲା । ଯେଉଁଥିଲେ ୨୨୦୦ ଲୋକ ପ୍ରାଣ ହରାଇଥିଲେ । ୨୦୦୪ରେ ବଡ ଭୂକମ୍ପରେ ଥରିଥିଲା ଇଣ୍ଡୋନେସିଆ । ୯.୧ ଥିଲା ଭୂକମ୍ପର ତୀବ୍ରତା । ଯେଉଁଥିରେ ଲକ୍ଷେ ୭୦ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା ।

ରାଜ୍ୟସଭା ଯାଇପାରନ୍ତି କେଜ୍ରିୱାଲ

ନୂଆଦିଲ୍ଲୀ,୨୭।୨(ଏଜେନ୍ସି): ରାଜ୍ୟସଭା ଯାଇପାରନ୍ତି କେଜ୍ରିୱାଲ । ପଞ୍ଜାବରୁ ରାଜ୍ୟସଭା ଯିବା ନେଇ ଚାଲିଛି ମାନସମନ୍ଥନ । ଦିଲ୍ଲୀରେ ହାରିବା ପରେ ପଞ୍ଜାବରେ ହିଁ କେବଳ ଆପ୍ ସରକାର ଅଛି ତେଣୁ ସେଠାରୁ ନିଜ ଆଗାମୀ ରାଜନୈତିକ ଭବିଷ୍ୟତକୁ ଉଜ୍ଜୀବିତ ରଖିପାରନ୍ତି କେଜ୍ରିୱାଲ । ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ପଦ ଗଲା, ହାତରୁ ଦିଲ୍ଲୀର ଦଖଲ ବି ଗଲା । ରାଜଧାନୀରେ ଆପ୍ ସରକାର ଭାଙ୍ଗିଯିବା ପରେ ଏବେ ଚିନ୍ତାରେ ଆପର ରାଷ୍ଟ୍ରୀୟ ସଂଯୋଜକ କେଜ୍ରିୱାଲ । ତେଣୁ ପଞ୍ଜାବରୁ ରାଜ୍ୟସଭା ଯିବା ନେଇ କଳ୍ପନା ଜଳ୍ପନା ଜାରି ରହିଛି । ପଞ୍ଜାବରୁ ରାଜ୍ୟସଭା ସାଂସଦ ସଞ୍ଜୀବ ଆରୋରା ଥିବା ବେଳେ ତାଙ୍କୁ ଉପନିର୍ବାଚନରେ ଆପ୍ ପ୍ରାର୍ଥୀ କରିବା କେଜ୍ରିୱାଲ ରାଜ୍ୟସଭା ଯାଉଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଯେହେତୁ କେଜ୍ରିୱାଲ ଜାତୀୟ ଚେହେରା ତେଣୁ ସେ ରାଜନୀତିରୁ ହଜି ନଯିବାକୁ ରଣନୀତି ଚଳାଇଛନ୍ତି । ତେଣୁ ସଞ୍ଜୀବ ଆରୋରାଙ୍କ ସ୍ଥାନରେ ସେ ସଂସଦର ଉଚ୍ଚ ସଦନକୁ ଯାଇପାରନ୍ତି ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ପଞ୍ଜାବରେ ଏବେ ଆପ ସରକାର ରହିଛି । ସଂଖ୍ୟା ଦୃଷ୍ଟିରୁ ପଞ୍ଜାବରୁ ହିଁ ରାଜ୍ୟସଭା ସାଂସଦ ପଠାଇପାରିବ ଆପ୍ । ଜାତୀୟ ରାଜନୀତିରେ ନିଜର ଅସ୍ତିତ୍ୱ ବଞ୍ଚାଇବାକୁ କେଜ୍ରିୱାଲ ରାଜ୍ୟସଭାକୁ ସାଂସଦ ଭାବେ ଯିବାକୁ ଚାହୁଁଥିବା ଆଲୋଚନା ହେଉଛି । କାରଣ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ୍ କେବଳ ଶାସନ କ୍ଷମତାରୁ ଯାଇନି ବରଂ

ଦଳର ସଂଯୋଜକ କେଜ୍ରିୱାଲଙ୍କୁ ମଧ୍ୟ ପରାଜୟର ସାମ୍ନା କରିବାକୁ ପଡିଛି । ଏଭଳି ସ୍ଥିତିରେ ଆଗକୁ ଆପର ଭବିଷ୍ୟତ କଣ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ପଞ୍ଜାବରେ ଆପ୍ ସରକାର ଭାଙ୍ଗିଯିବା ଚର୍ଚ୍ଚା ଭିତରେ କେଜ୍ରିୱାଲ ନିଜ ରାଜନୀତି ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟସଭା ରାସ୍ତାକୁ ଆପଣାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଏଥିପାଇଁ ପଶ୍ଚିମ ଲୁଧିଆନାରେ ହେବାକୁ ଥିବା ଉପ-ନିର୍ବାଚନ କେଜ୍ରିୱାଲଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି । ପଶ୍ଚିମ ଲୁଧିଆନା ଆସନ ପାଇଁ ଦଳର ରାଜ୍ୟସଭା ସାଂସଦ ସଞ୍ଜୀବ ଆରୋରାଙ୍କୁ ପ୍ରାର୍ଥୀ କରାଯାଇଛି । ତେଣୁ ସଞ୍ଜୀବଙ୍କ ସ୍ଥାନରେ କେଜ୍ରିୱାଲ ସଂସଦକୁ ବ୍ୟାକଡୋର ଏଣ୍ଟ୍ରି ମାରି ପାରନ୍ତି ବୋଲି କଳ୍ପନା ଜଳ୍ପନା ପ୍ରକାଶ ପାଇଛି । ଏହାଛଡା ୨୦୨୭ରେ ପଞ୍ଜାବରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ତେଣୁ ପଞ୍ଜାବ ନିର୍ବାଚନ ପୂର୍ବରୁ ନିଜ ପାଇଁ କ୍ରେଜିୱାଲ ସ୍ଥାନ ସୁରକ୍ଷିତ କରୁଥାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

ଭାରତର ଅଭିବୃଦ୍ଧି ସମ୍ଭାବନାଠାରୁ କମ୍ ରହିବ: ରାଜନ

ନୂଆଦିଲ୍ଲୀ,୨୭।୨(ଏଜେନ୍ସି): ଭାରତୀୟ ଅର୍ଥନୀତିରେ ନିକଟରେ ଘଟିଥିବା ସୁଧାରକୁ ସ୍ୱୀକାର କରିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ କହିଛନ୍ତି ଯେ ଆଗାମୀ ଦିନରେ ଦେଶର ଅଭିବୃଦ୍ଧି ଏହାର ପ୍ରକୃତ ସମ୍ଭାବନାଠାରୁ କମ୍ ରହିବ । ଗତବର୍ଷ ଅକ୍ଟୋବର-ଡିସେମ୍ବର ତ୍ରୈମାସିକରେ ଅଭିବୃଦ୍ଧି ହାର ୬ ପ୍ରତିଶତରୁ ସାମାନ୍ୟ ଅଧିକ ରହିବା ଆକଳନ କରାଯାଇଛି । ବିଶ୍ୱର ସବୁଠୁ ଜନବହୁଳ ଦେଶରେ ଆବଶ୍ୟକ ନିଯୁକ୍ତି ସୃଷ୍ଟି ଲାଗି ତାହା ଯଥେଷ୍ଟ ନୁହେଁ ବୋଲି ରାଜନ କହିଛନ୍ତି । ସେ କହିଛନ୍ତି ଯେ ଗତ ୨୫ ବର୍ଷ ମଧ୍ୟରେ ଭାରତ ହାରାହାରି ଭାବେ ବାର୍ଷିକ ୬ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି ଯାହା ଅତ୍ୟନ୍ତ

ଉତ୍ସାହଜନକ । କିନ୍ତୁ ଚୀନ୍ ସହ ତୁଳନା ବେଳେ ଅଲଗା ଚିତ୍ର ସାମ୍ନାକୁ ଆସୁଛି । ପ୍ରତିବର୍ଷ ଶ୍ରମଶକ୍ତିରେ ଯୋଗଦେଉଥିବା ଯୁବକଯୁବତୀମାନଙ୍କୁ ଚାକିରି ଦେବା ଲାଗି ଭାରତକୁ ଆଉ ୨ ପ୍ରତିଶତ ଅଧିକ ଅଭିବୃଦ୍ଧି ଆବଶ୍ୟକ ବୋଲି ସେ କହିଛନ୍ତି । ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପାଞ୍ଚ ବର୍ଷ ବ୍ୟବଧାନ ପରେ ସୁଧ ହାର ହ୍ରାସ କରାଯିବା ସମ୍ପର୍କରେ ରାଜନ କହିଛନ୍ତି ଯେ ଅର୍ଥନୀତିକୁ କ୍ଷିପ୍ର ଗତିରେ ଦେଢ଼ାଇବା ଲାଗି ସେହି ପଦକ୍ଷେପ ଯଥେଷ୍ଟ ନୁହେଁ । ଭାରତରେ ରହିଥିବା ବଡ଼ ସମସ୍ୟାଟି ହେଉଛି, ବ୍ୟବସାୟ ଜଗତ ଯେଉଁ ପ୍ରତିଭା ଚାହୁଁଛନ୍ତି ତାହା ଶ୍ରମଶକ୍ତି ପାଖରେ ନାହିଁ । ତେଣୁ ଲୋକମାନଙ୍କ ଦକ୍ଷତାରେ ଉନ୍ନତି ଆଣି ସେମାନଙ୍କୁ ଉପଯୁକ୍ତ ନିଯୁକ୍ତି ଦେଲେ ଦେଶର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ ବୋଲି ସେ କହିଛନ୍ତି ।

ନବ ନିର୍ବାଚିତ ଜିଲ୍ଲା ବିଜେପି ସଭାପତିଙ୍କ ପାଇଁ ସମ୍ବର୍ଦ୍ଧନା ସଭା

ବୀରମହାରାଜପୁର, (ନି.ପ୍ର): ବୀରମହାରାଜପୁର ସଦର ମହକୁମା ସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ପରିସରରେ ସୁବର୍ଣ୍ଣପୁର ଜିଲ୍ଲା ନବ ନିର୍ବାଚିତ ବିଜେପି ସଭାପତି ବେଣୁଧର ଦାଶଙ୍କୁ ଆନୁଷ୍ଠାନିକ ଭାବରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ଅନୁଷ୍ଠାନର ଉପ ସଭାପତି ସୌମିତ୍ରୀ ମେହେର ପୌରୋହିତ୍ୟ କରିଥିଲେ । ସଂପାଦକ ସନ୍ତୋଷ ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ । କୋଷାଧ୍ୟକ୍ଷ ଦୟାନିଧି ହୋତା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଡ.ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିଲେ । ଜିଲ୍ଲା ବିଜେପି ସଭାପତି ଶ୍ରୀ ଦାସ୍ ତାଙ୍କର ବକ୍ତବ୍ୟରେ ଅନୁଷ୍ଠାନର ମୌଳିକ ଦାବି ଗୁଡିକ ସରକାରଙ୍କ ଦୃଷ୍ଟିକୁ ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବାସୁଦେବ ପଣ୍ଡା, ବଳରାମ କାଣ୍ଡ, ଦିଲ୍ଲିପ ତ୍ରିପାଠୀ,ଚମରା ମହାକୁର, ଶିବ ରମଣ ପଣ୍ଡା, ବାସୁଦେବ ରଥ, ଶ୍ୟାମ ସୁନ୍ଦର ସେଠି,ଅକ୍ରୂର ଚରଣ ଦତ୍ତା, ସୁରୁ ସାହୁ, ସନ୍ତୋଷ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅନୁଷ୍ଠାନର ପୂର୍ବତନ ସଭାପତି ଭଗବାନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ସେବାଶ୍ରମ ବାର୍ଷିକ ଉତ୍ସବରେ ବିଦ୍ୟାଳୟର ଆବଶ୍ୟକତା ଉ

ରୋଚକ ହେଉଛି ସେମିଫାଇନାଲ୍ ରେସ୍

ଦୁବାଇ, ୨୭।୨: ଚାମ୍ପିଅନ୍ସ ଟ୍ରଫିରେ ଗ୍ରୁପ ବିରୁ ସେମିଫାଇନାଲରେ ପହଞ୍ଚିବା ପାଇଁ ଲଢ଼େଇ ରୋଚକ ହୋଇଛି। ଆଫଗାନିସ୍ତାନର ଇଂଲଣ୍ଡ ବିପକ୍ଷରେ ବିଜୟ ଏହି ରେସ୍‌କୁ ଅଧିକ ଆକର୍ଷଣୀୟ କରିଛି ଇଂଲଣ୍ଡ ଦଳ ଗ୍ରୁପ ବିରୁ ବାଦ ପଡ଼ିଥିବା ପ୍ରଥମ ଦଳ ହୋଇଛି। ତଥାପି ଗ୍ରୁପ ବିର ସମସ୍ତ ତିନି ଦଳ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଏବଂ ଆଫଗାନିସ୍ତାନ ଏବେ ବି ସେମିଫାଇନାଲରେ ପହଞ୍ଚିବା ପାଇଁ ରେସ୍‌ରେ ଅଛନ୍ତି ଏବଂ ଏକ ବିଜୟ ଏହି ତିନି ଦଳକୁ ସେମିଫାଇନାଲରେ ନେଇପାରିବ। ଗ୍ରୁପ ଏରୁ ଦୁଇଟି ସେମିଫାଇନାଲ ଦଳ ପୂର୍ବରୁ ସ୍ଥିର ହୋଇସାରିଛି।ନ୍ୟୁଜିଲାଣ୍ଡ ଏବଂ ଭାରତ ୨୦୨୫ ଚାମ୍ପିଅନ୍ସ ଟ୍ରଫିର ସେମିଫାଇନାଲରେ ସ୍ଥାନ ପାଇସାରିଛନ୍ତି।କିନ୍ତୁ ସେମାନଙ୍କ ଗ୍ରୁପରେ ସେମାନଙ୍କର ସ୍ଥାନ କଣ ହେବ। ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ଗ୍ରୁପ ଏ ଏବଂ ବି ଉଭୟର ଏବେ ବି ଦୁଇଟି ମ୍ୟାଚ ବାକି ଅଛି।ଗ୍ରୁପ ଏରୁ ପଏଣ୍ଟ ଟେବୁଲ ସମୀକରଣ ମାର୍ଚ୍ଚ ୨ରେ ନିଶ୍ଚୟ କରାଯିବ। ଏହି ଦିନ ଭାରତ ଏବଂ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ ଏହି ମ୍ୟାଚ ନିଶ୍ଚୟ କରିବ ଯେ, ଭାରତ ତାର ଗ୍ରୁପର ଶୀର୍ଷରେ ରହିବ ନା ଦ୍ୱିତୀୟ ସ୍ଥାନରେ ରହିବ ଗ୍ରୁପ ଏର ଶୀର୍ଷ ଦଳ ସେମିଫାଇନାଲ୍‌ରେ ଗ୍ରୁପ ବିର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳ ସହିତ ମୁକାବିଲା କରିବ, ଯେତେବେଳେ ଗ୍ରୁପ ଏର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳ ସେମିଫାଇନାଲ୍‌ରେ ଗ୍ରୁପ ବିର ଶୀର୍ଷ ସ୍ଥାନ ଅଧିକାର କରିଥିବା ଦଳ ସହିତ ମୁକାବିଲା କରିବ। ଗୁରୁବାର ଗ୍ରୁପ ଏର ଦ୍ୱିତୀୟ ମ୍ୟାଚ ପାକିସ୍ତାନ ଏବଂ ବାଂଲାଦେଶ ମଧ୍ୟରେ ଖେଳାଯାଇଥିଲା ।ଯଦିଓ ଏହି ମ୍ୟାଚ କେବଳ ଏକ ଔପଚାରିକତା ଥିଲା, କିନ୍ତୁ ଏହା ରଦ୍ଦ ହୋଇଯାଇଥିଲା।

ଗ୍ରୁପ ବିର ଶେଷ ଦୁଇଟି ମ୍ୟାଚ୍‌ରେ ଆଫଗାନିସ୍ତାନ ଅଷ୍ଟ୍ରେଲିଆକୁ ଭେଟିବ ଏବଂ ଦକ୍ଷିଣ ଆଫ୍ରିକା ଇଂଲଣ୍ଡକୁ ଭେଟିବ ଯଦି ଦକ୍ଷିଣ ଆଫ୍ରିକା ଏବଂ ଅଷ୍ଟ୍ରେଲିଆ ନିଜ ନିଜ ମ୍ୟାଚ ଜିତିଯାଆନ୍ତି, ତେବେ ସେମାନେ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଯଦି ଅଷ୍ଟ୍ରେଲିଆ ଆଫଗାନିସ୍ତାନକୁ ପରାସ୍ତ କରେ, ତେବେ ଦକ୍ଷିଣ ଆଫ୍ରିକା ମଧ୍ୟ ଇଂଲଣ୍ଡକୁ ନ ଭେଟି ଯୋଗ୍ୟତା ଅର୍ଜନ କରିବ ଯଦି ଆଫଗାନିସ୍ତାନ ଅଷ୍ଟ୍ରେଲିଆକୁ ପରାସ୍ତ କରେ, ତେବେ ସେମିଫାଇନାଲରେ ପହଞ୍ଚିବ ଏବଂ ଅଷ୍ଟ୍ରେଲିଆର ଭାଗ୍ୟ ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ ଫଳାଫଳ ଦ୍ୱାରା ନିର୍ଣ୍ଣୟ ହେବ। ଅଷ୍ଟ୍ରେଲିଆକୁ ଦକ୍ଷିଣ ଆଫ୍ରିକା ଅପେକ୍ଷା ଅଷ୍ଟ୍ରେଲିଆର ନେଟ ରନ ରେଟ ଭଲ କରିବା ପାଇଁ ଇଂଲଣ୍ଡକୁ କେବଳ ଜିତିବା ନୁହେଁ ବରଂ ଯଥେଷ୍ଟ ବଡ଼ ବ୍ୟବଧାନରେ ଜିତିବା ପାଇଁ ରାଜି କରାଇବାକୁ ପଡିବ ଦକ୍ଷିଣ ଆଫ୍ରିକାର ନେଟ ରନ ରେଟ ବର୍ତ୍ତମାନ +୨.୧୪୦, ଯେତେବେଳେ ଅଷ୍ଟ୍ରେଲିଆର ନେଟ ରନ ରେଟ +୦.୪୭୫।

ଚାମ୍ପିଅନ୍ସ ଟ୍ରଫିର ଦୁଇ ମସ୍କାଟ।

ଚାମ୍ପିଅନ୍ସ ଟ୍ରଫିରେ ନୂଆ ଡ୍ରାମା

ଡ୍ୟୁଟି କରିବାକୁ ମନା କଲେ ଶତାଧିକ ସୁରକ୍ଷାକର୍ମୀ

ନୂଆଦିଲ୍ଲୀ, ୨୬।୨: ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରୁଛି ପ୍ରାୟ ୨୯ ବର୍ଷ ପରେ, ପାକିସ୍ତାନକୁ ଏକ ଆଇସିସି ଟୁର୍ଣ୍ଣାମେଣ୍ଟର ଆୟୋଜନ ଅଧିକାର ମିଳିଛି, କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭରୁ ବିବାଦରେ ଘେରି ରହିଛି। ଏବେ ଚାମ୍ପିଅନ୍ସ ଟ୍ରଫି ସହିତ ଜଡିତ ଏକ ନୂତନ ବିବାଦ ସାମ୍ନାକୁ ଆସୁଛି ଗଣମାଧ୍ୟମ ରିପୋର୍ଟ ଅନୁସାରେ, ପାକିସ୍ତାନର ପଞ୍ଜାବ ପ୍ରଦେଶରେ ୧୦୦ ରୁ ଅଧିକ ପୋଲିସ କର୍ମଚାରୀଙ୍କୁ ବହିଷ୍କାର କରାଯାଇଛି। ଯଦି ଗଣମାଧ୍ୟମ ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ଏହି ପୋଲିସ କର୍ମଚାରୀମାନେ ଚାମ୍ପିଅନ୍ସ ଟ୍ରଫିରେ ଡ୍ୟୁଟି କରିବାକୁ ମନା କରିଦେଇଥିଲେ।

ଯାହା ପରେ ୧୦୦ ରୁ ଅଧିକ ପୋଲିସ କର୍ମଚାରୀଙ୍କୁ ଦଣ୍ଡ ଦିଆଯାଇଛି। ପଞ୍ଜାବ ପୋଲିସ ଅଧିକାରୀଙ୍କ ଅନୁଯାୟୀ, ଏହି ବହିଷ୍କୃତ ପୋଲିସକର୍ମୀ ବାରମ୍ବାର ଡ୍ୟୁଟିରୁ ଗାୟବ ରହୁଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଅନ୍ୟପଟେ କିନ୍ତୁ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଚାମ୍ପିଅନ୍ସ ଟ୍ରଫିରେ ବହୁ ସଂଖ୍ୟକ ପୋଲିସ କର୍ମଚାରୀ ଡ୍ୟୁଟି କରିବାକୁ ମନା କରିଥିଲେ। ପଞ୍ଜାବ ପୋଲିସ ଅଧିକାରୀ କହିଛନ୍ତି ଯେ ଏହି ପୋଲିସ କର୍ମଚାରୀମାନଙ୍କୁ ଲାହୋରର ଗଦ୍ଦାଫି ଷ୍ଟାଡିୟମ ଏବଂ ହୋଟେଲ ମଧ୍ୟରେ ଖେଳାଳିଙ୍କ ସୁରକ୍ଷା ପାଇଁ ନିୟୋଜିତ କରାଯାଇଥିଲା। କିନ୍ତୁ ସେମାନେ ସେମାନଙ୍କର ଦାୟିତ୍ୱ ନିର୍ବାହ କରି ନଥିଲେ। ତେଣୁ ଏହି ପୋଲିସ କର୍ମଚାରୀମାନଙ୍କୁ ବହିଷ୍କାର କରାଯାଇଛି। ଏହି ପ୍ରସଙ୍ଗରେ ପଞ୍ଜାବ ପୋଲିସ ଆଇଜିପି ଉସମାନ ଅନର କହିଛନ୍ତି ଯେ ଆମେ ଏହି ମାମଲା ଉପରେ ନଜର ରଖିଛୁ।

ଉସମାନ ଅନର ଆହୁରି କହିଛନ୍ତି ଯେ ଆମେ ଏହି ପୋଲିସକର୍ମୀଙ୍କ ବିରୁଦ୍ଧରେ କଠୋରତମ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରସ୍ତୁତ। ଏତେ ବଡ଼ ଆନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ସେମାନେ ଏପରି ପିଲାଳିଆମି କାମ କରିପାରିବେ ନାହିଁ। ତଥାପି, ଏହି ବହିଷ୍କୃତ ପୋଲିସ କର୍ମଚାରୀମାନେ କାହିଁକି ଡ୍ୟୁଟି କରିବାକୁ ମନା କଲେ? ଏହା ଏପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇ ନାହିଁ।

ଜାତୀୟ ଗଣମାଧ୍ୟମ ରିପୋର୍ଟ ମୁତାବକ, ପାକିସ୍ତାର ପଞ୍ଜାବ ଅଞ୍ଚଳର ୧୦୦ରୁ ଅଧିକ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। କାରଣ ସେମାନେ ଚାମ୍ପିଅନ୍ସ ଟ୍ରଫି ସମୟରେ ଡ୍ୟୁଟି କରିବାକୁ ମନା କରିଦେଇଥିଲେ। ଏହି ପୋଲିସ କର୍ମଚାରୀମାନେ ଲାହୋରର ଗଦ୍ଦାଫି ଷ୍ଟାଡିୟମରୁ ହୋଟେଲ୍ ଯାଏ ଦଳର ସୁରକ୍ଷା ଲାଗି ନିୟୋଜିତ ହୋଇଥିଲେ ତେବେ ସେ ଅଧିକ ସମୟ ଡ୍ୟୁଟି କରିବା ଯୋଗୁ ଅତ୍ୟଧିକ ବୋଝ ଅନୁଭବ କରୁଥିଲେ।

ବର୍ଷା ଧୋଇନେଲା ପାକିସ୍ତାନ-ବାଂଲାଦେଶ ମ୍ୟାଚ

ନୂଆଦିଲ୍ଲୀ, ୨୭।୨: ଗୁରୁବାର ପାକିସ୍ତାନର ଚାମ୍ପିଅନ୍ସ ଟ୍ରଫି ଅଭିଯାନ ଏକ ଖରାପ ପରିସମାପ୍ତି କରିଛି, ଯେତେବେଳେ ରାଲପିଣ୍ଡିରେ ବାଂଲାଦେଶ ବିପକ୍ଷରେ ସେମାନଙ୍କର ଶେଷ ଗ୍ରୁପ ମ୍ୟାଚ ଗୋଟିଏ ବି ବଲ ନ ପକାଇ ନ ମ୍ୟାଚ ରଦ୍ଦ ହୋଇଯାଇଥିଲା। ଉଭୟ ଦଳକୁ ବିଜୟ ବିନା ଏହି ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେବାକୁ ପଡିଲା। ସେହିପରି, ଗ୍ରୁପ ବିରେ ମଧ୍ୟ, ଇଂଲଣ୍ଡ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଥିବା ତୃତୀୟ ଦଳ ହୋଇଛି।ରାଓ୍ୱଲପିଣ୍ଡିରେ ଲଗାତାର ବର୍ଷା ଯୋଗୁଁ ପଡିଆ। ଭିଜି ଯାଇଥିଲା, ପିଚ୍‌କୁ ଘୋଡ଼ାଇ ରଖାଯାଇଥିଲା ଏବଂ ଫିଲ୍ଡ ଚାରିପାଖରେ ପାଣି ଜମା ହୋଇଯାଇଥିଲା। ପାଗରେ ଉନ୍ନତି ନହେବାରୁ, ଅମ୍ପାୟାର ନିର୍ଦ୍ଧାରିତ ସମୟର ପ୍ରାୟ ଦୁଇ ଘଣ୍ଟା ପରେ ଖେଳକୁ ବାତିଲ କରିଥିଲେ। ଖରାପ ପାଗ ଯୋଗୁଁ ଟସ ହୋଇପାରିଲା ନାହିଁ ଫଳସ୍ୱରୂପ, ଉଭୟ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ବାଣ୍ଟିବାକୁ ପଡିଲା।ପାକିସ୍ତାନ ୨୩ ବର୍ଷ ମଧ୍ୟରେ ପ୍ରଥମ ଦଳ ଭାବରେ ୫୦ ଓଭର ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରୁ ଗୋଟିଏ ବି ମ୍ୟାଚ ନ ଜିତି ବାଦ ପଡ଼ିଛି। ପ୍ରଥମ ଦୁଇଟି ଗ୍ରୁପ ମ୍ୟାଚରେ ନ୍ୟୁଜିଲାଣ୍ଡ ଏବଂ ଭାରତଠାରୁ ପରାସ୍ତ ହୋଇଥିବା ମହମ୍ମଦ ରିଜାନଙ୍କ ନେତୃତ୍ୱଧୀନ ଦଳ -୧.୦୮୭ ନେଟ ରନ ରେଟ ସହିତ ଗ୍ରୁପ ଟେବୁଲର ସବୁଠାରୁ ତଳେ ଥିଲା। ପାକିସ୍ତାନ, ବାଂଲାଦେଶ ଏବଂ ଇଂଲଣ୍ଡ କେତେ ଟଙ୍କା ପାଇବେ ତାହା ଦଳର ସ୍ଥିତି ଉପରେ ନିଭର କରି ନିଷ୍ପତ୍ତି ନିଆଯିବ। ସୂଚନାଯୋଗ୍ୟ, ଚାମ୍ପିଅନ୍ସ ଟ୍ରଫିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ ମୋଟ ପୁରସ୍କାର ରାଶି ହେଉଛି ୬.୯ ନିୟୁତ ଆମେରିକୀୟ ଡଲାର (ପ୍ରାୟ ୬୦ କୋଟି ଟଙ୍କା) ୨୦୧୭ରେ ଶେଷ ସଂସ୍କରଣ ତୁଳନାରେ ପୁରସ୍କାର ରାଶି ୫୩ ପ୍ରତିଶତ ବୃଦ୍ଧି ପାଇଛି।



ପାକିସ୍ତାନ ନାଁରେ ଲଜ୍ଜାଜନକ ରେକର୍ଡ

ଇସଲାମାବାଦ୍, ୨୭୨: ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଆୟୋଜକ ଦେଶ ପାକିସ୍ତାନ ଗ୍ରୁପ ପର୍ଯ୍ୟାୟରୁ ବାଦ ପଡ଼ିଛି ଏହାସହ ପାକିସ୍ତାନରେ ଏକ ଲଜ୍ଜାଜନକ ରେକର୍ଡ ସୃଷ୍ଟି ହୋଇଛି। ଗୁରୁବାର ଅନୁଷ୍ଠିତ ପାକିସ୍ତାନ ବନାମ ବାଂଲାଦେଶ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଯାଇଥିଲା। ୨୦୨୫ ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା ୬୦ ରନରେ ଦମଦାର ପରାଜୟରୁ ପାକିସ୍ତାନ କୌଣସି ଶିକ୍ଷା ପାଇପାରିଲା ନାହିଁ। ଦ୍ୱିତୀୟ ମ୍ୟାଚ୍‌ରେ ଭାରତୀୟ ଦଳ ଏହାକୁ ୬ ଉଇକେଟ୍‌ରେ ପରାସ୍ତ କରିଥିଲା ଟୁର୍ନାମେଣ୍ଟରେ ପାକିସ୍ତାନର ଶେଷ ମ୍ୟାଚ, ବାଂଲାଦେଶ ବିପକ୍ଷରେ ଖେଳାଯାଇଥିଲା, ଯଦିଓ ଆୟୋଜକ ଦଳ ପୂର୍ବରୁ ଟୁର୍ନାମେଣ୍ଟରୁ ବାହାର ହୋଇସାରିଛି କିନ୍ତୁ ଏହା ଅମ୍ରସମ୍ମାନ ପାଇଁ ଏବଂ ଲଜ୍ଜାଜନକ ରେକର୍ଡକୁ ବଞ୍ଚାଇବା ପାଇଁ ଏକ ଲଢ଼େଇ ଥିଲା।

ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ସଂସ୍କରଣ ୧୯୯୮ରେ ବାଂଲାଦେଶରେ ଖେଳାଯାଇଥିଲା ଆୟୋଜକ ହେବା ସତ୍ତ୍ୱେ, ବାଂଲାଦେଶ ଏହି ଟୁର୍ନାମେଣ୍ଟରେ ଖେଳି ନ ଥିଲା। କାରଣ ଏହା ଏକ ଟେଷ୍ଟ ଖେଳୁଥିବା ଦେଶ ନ ଥିଲା।୨୦୦୦ ମସିହାରେ କେନିଆ। ଚାମ୍ପିଅନ୍ସ ଟ୍ରଫିର ଆୟୋଜକ ଥିଲା। ଏହି ସିଜିନର ଫର୍ମାଟ ବର୍ତ୍ତମାନଠାରୁ ଭିନ୍ନ ଥିଲା। ଭାରତ ପ୍ରି-କ୍ୱାର୍ଟର ଫାଇନାଲରେ କେନିଆକୁ ପରାସ୍ତ କରିଥିଲାଫ ଏହା ମୁଖ୍ୟ ଇଭେଣ୍ଟରେ କେନିଆ। ଦ୍ୱାରା ଖେଳାଯାଇଥିବା ଏକମାତ୍ର ମ୍ୟାଚ ଥିଲା କିନ୍ତୁ ଏହା ପୂର୍ବରୁ କେନିଆ। ନକଆଉଟ ପର୍ଯ୍ୟାୟ ଖେଳିଥିଲା, ଯେଉଁଥିରେ ସେ ଜିତିଥିଲା। ୨୦୦୨ ମସିହାରୁ, ୬ଟି ଚାମ୍ପିଅନ୍ସ ଟ୍ରଫି ଅନୁଷ୍ଠିତ ହୋଇଛି ଏପରିକେବେ ଘଟିନାହିଁ ଯେ ଆୟୋଜକ ଦେଶ କୌଣସି ମ୍ୟାଚ ନ ଜିତି ଟୁର୍ନାମେଣ୍ଟ ଶେଷ କରିଛି ୨୦୦୨ ମସିହାରେ ଶ୍ରୀଲଙ୍କା ଆୟୋଜକ ଥିଲା ।ଏହି ସଂସ୍କରଣରେ, ସେମାନେ ଭାରତ ସହିତ ମିଳିତ ଚାମ୍ପିଅନ ହୋଇଥିଲେ।

୨୦୦୪ ମସିହାରେ ଇଂଲଣ୍ଡ ଆୟୋଜକ ଦେଶ ଥିଲା ଗ୍ରୁପ ପର୍ଯ୍ୟାୟରେ ଇଂଲଣ୍ଡ ଦୁଇଟି ମ୍ୟାଚ ଜିତିଥିଲା ଇଂଲଣ୍ଡ ଫାଇନାଲରେ ପହଞ୍ଚିଥିଲା କିନ୍ତୁ ଷ୍ଟେଇଣ୍ଡିଜ ପରାସ୍ତ କରିଥିଲା ୨୦୦୬ରେ ଭାରତ ଚାମ୍ପିଅନ୍ସ ଟ୍ରଫିର ଆୟୋଜକ ଦେଶ ଥିଲା ଭାରତ ଏହି ସିଜିନରେ ଗ୍ରୁପ ପର୍ଯ୍ୟାୟରୁ ବାଦ ପଡ଼ିଥିଲା କିନ୍ତୁ ୩ଟି ମ୍ୟାଚରୁ ଗୋଟିଏରେ ଜିତିଥିଲା। ଏହା ପରେ, ୨୦୦୯ରେ ଦକ୍ଷିଣ ଆଫ୍ରିକା, ୨୦୧୩ ଏବଂ ୨୦୧୭ରେ ଇଂଲଣ୍ଡ ଆୟୋଜକ ଦେଶ ଥିଲା ପୂର୍ବ ସିଜିନ୍‌ରେ ଏପରି ଘଟିନାହିଁ, ଆୟୋଜକ ଦେଶ କୌଣସି ମ୍ୟାଚ ଜିତି ନ ପାରି ଟୁର୍ନାମେଣ୍ଟରୁ ବିଦାୟ ନେଇଛି।

ସଂସଦରେ ଉଠିବ ପାକିସ୍ତାନ ପରାଜୟ ପ୍ରସଙ୍ଗ

ଇସଲାମାବାଦ୍, ୨୭୨: ଚାମ୍ପିଅନ୍ସ ଟ୍ରଫିରେ ଆୟୋଜକ ଦଳର ଖରାପ ପ୍ରଦର୍ଶନ ନେଇ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଖୁବ୍‌ଶୀଘ୍ର ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏବଂ ଦଳର ଖେଳାଳିମାନଙ୍କ ସହ ଆଲୋଚନା କରିବେ। ରାଜନୈତିକ ପରାମର୍ଶଦାତା ରାଣା ସାନାଉଲ୍ଲା ଏହି ସୂଚନା ଦେଇଛନ୍ତି ପାକିସ୍ତାନ ସରକାର ଦଳର ଶୀଘ୍ର ବିଦାୟ ନେଇ ଅସନ୍ତୁଷ୍ଟ ଥିବା ସେ କହିଛନ୍ତି। ୨୯ ବର୍ଷ ପରେ ଆଇସିସି ଟୁର୍ନାମେଣ୍ଟ ଆୟୋଜନ କରୁଥିବା ପାକିସ୍ତାନ ଦଳ ଚାମ୍ପିଅନ୍ସ ଟ୍ରଫିରେ ଏକ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଥିଲା। ମହମ୍ମଦ ରିଜାନଙ୍କ ନେତୃତ୍ୱାଧୀନ ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିଥିଲା ୬୦ ରନରେ ପରାସ୍ତ ହୋଇଥିଲେ। ରବିବାର ପାକିସ୍ତାନ ଭାରତୀୟ ଦଳ ସହିତ ମୁହାଁମୁହିଁ ହୋଇଥିଲା। ଚିରପ୍ରତିଦ୍ନ୍ଦ୍ୱୀମାନଙ୍କୁ ଛଅ ଉଇକେଟରେ ପରାସ୍ତ କରିଛି ଏହିପରି, ଟୁର୍ନାମେଣ୍ଟରେ ପାକିସ୍ତାନର ଯାତ୍ରା ସମାପ୍ତ ହୋଇଛି। ଗୁରୁବାର ଡିଫେଣ୍ଡିଂ ଚାମ୍ପିଅନମାନେ ବାଂଲାଦେଶକୁ ଭେଟିବାର କାର୍ଯ୍ୟକ୍ରମ ଥିଲା ।କିନ୍ତୁ ଗୋଟିଏ ବି ବଲ ପକାଇ ନ ଯାଇ ବର୍ଷା ଯୋଗୁ ମ୍ୟାଚ ବାତିଲ ହୋଇଥିଲା।

ରୋହିତଙ୍କ ଫିଟନେସ୍ ଉପରେ ରହିବ ନଜର

ଦୁବାଇ, ୨୭।୨: ପାକିସ୍ତାନ ବିପକ୍ଷ ମ୍ୟାଚ ସମୟରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ଆହତ ହୋଇଥିଲେ। ତାଙ୍କ ନେତୃତ୍ୱରେ ଭାରତୀୟ ଦଳ ଉଭୟ ପ୍ରାରମ୍ଭିକ ମ୍ୟାଚ ଜିତି ସେମିଫାଇନାଲରେ ପ୍ରବେଶ କରିଛି ପ୍ରଥମ ମ୍ୟାଚରେ ଭାରତ ବାଂଲାଦେଶକୁ ଏବଂ ଦ୍ୱିତୀୟ ମ୍ୟାଚରେ ଆୟୋଜକ ପାକିସ୍ତାନକୁ ପରାସ୍ତ କରିଥିଲା। ଏବେ ସେମାନଙ୍କୁ ମାର୍ଚ୍ଚ ୨ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ମୁକାବିଲା କରିବାକୁ ପଡିବ, କିନ୍ତୁ ଅଧିନାୟକ ରୋହିତ ଶର୍ମାଙ୍କ ଫିଟନେସ ଏବେ ବି ପ୍ରଶ୍ନବାଚୀ ମଧ୍ୟରେ ରହିଛି ଦୁଇ ଦିନ ବିଶ୍ରାମ ନେବା ପରେ ବୁଧବାର ଭାରତୀୟ ଦଳ ଅଭ୍ୟାସ ପାଇଁ ଫେରିଛି ଅଧିନାୟକ ରୋହିତ ଶର୍ମା ମଧ୍ୟ ସେଠାରେ ଥିଲେ, କିନ୍ତୁ ସେ ବ୍ୟାଟିଂ ଅଭ୍ୟାସ କରିନଥିଲେ ଏପରି ପରିସ୍ଥିତିରେ, ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ପୂର୍ବରୁ, ସମସ୍ତଙ୍କ ନଜର ଏବେ ଅଧିନାୟକଙ୍କ ଫିଟନେସ ଉପରେ।

ପାକିସ୍ତାନ ବିପକ୍ଷ ମ୍ୟାଚ ସମୟରେ ରୋହିତ ଶର୍ମାଙ୍କ ହାମଷ୍ଟ୍ରିଙ୍ଗରେ ଆଘାତ ଲାଗିଥିଲା ଏହି କାରଣରୁ, ସେ ଅସୁସ୍ଥ ଦେଖାଯାଉଥିଲେ ଏବଂ କିଛି ସମୟ ପାଇଁ ପଡ଼ିଆ। ବାହାରକୁ ମଧ୍ୟ ଯାଇଥିଲେ ତଥାପି, ମ୍ୟାଚ ପରେ ରୋହିତ କହିଥିଲେ ଯେ ଆଘାତ ଏତେ ଗମ୍ଭୀର ନୁହେଁ ଏବଂ ସେ ଖୁବ ଶୀଘ୍ର ସମ୍ପୂର୍ଣ୍ଣ ଫିଟ ହୋଇଯିବେ। ଏବେ ପ୍ରଶ୍ନ ଉଠୁଛି ଯେ ଯଦି ଦୁଇ ଦିନ ବିଶ୍ରାମ ନେବା ସତ୍ତ୍ୱେ ସେ ବ୍ୟାଟିଂ କରିବାକୁ ଆରାମଦାୟକ ଅନୁଭବ କରିପାରୁ ନାହାଁନ୍ତି, ତେବେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ପୂର୍ବରୁ ସେ ଫିଟ ହୋଇପାରିବେ କି? ତଥାପି, ମ୍ୟାଚ ପାଇଁ ଆହୁରି ତିନି ଦିନ ବାକି ଅଛି ଏବଂ ଯଦି ସେ ମ୍ୟାଚ ପୂର୍ବରୁ ଫିଟ ନହୁଅନ୍ତି, ତେବେ ନକଆଉଟ ପର୍ଯ୍ୟାୟ ପୂର୍ବରୁ ସେ ନିଶ୍ଚିତ ଭାବରେ ଫିଟ ହୋଇଯିବେ। ରୋହିତଙ୍କ ପାଇଁ ଏପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟଟି ବହୁତ ଭଲ ହୋଇନାହିଁ। ପ୍ରଥମ ଦୁଇଟି ମ୍ୟାଚରେ ସେ ଭଲ ଆରମ୍ଭ କରିଥିଲେ, କିନ୍ତୁ ଲମ୍ବା ଇନିଂସ ଖେଳିପାରି ନଥିଲେ। ସେ ବାଂଲାଦେଶ ବିପକ୍ଷରେ ୪୧ ରନ ଏବଂ ପାକିସ୍ତାନ ବିପକ୍ଷରେ ୨୦ ରନ କରିଥିଲେ। ତଥାପି, ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଇଂଲଣ୍ଡ ବିପକ୍ଷରେ ଦନକଆଉ। ସରଜରେ ରୋହିତ ଶର୍ମା ଶତକ ହାସଲ କରିବା ପରେ, ଭାରତ ପୁଣି ଥରେ ନକଆଉଟ ପର୍ଯ୍ୟାୟରେ ଭାରତୀୟ ଅଧିନାୟକଙ୍କଠାରୁ ଏକ ବଡ଼ ଇନିଂସ ଆଶା କରିବ।

ଯଦି ଭାରତୀୟ ଅଧିନାୟକ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ଖେଳିବେ ନାହିଁ, ତେବେ ତାଙ୍କ ସ୍ଥାନରେ ୱିକେଟକିପର ବ୍ୟାଟ୍ସମ୍ୟାନ କେଏଲ ରାହୁଲ ଶୁବମନ ଗିଲଙ୍କ ସହ ଓପନିଂ କରିପାରିବେ।

ରେକର୍ଡ ବିଷୟରେ କହିବାକୁ ଗଲେ, କେଏଲ ରାହୁଲ ରେ ଓପନର ଭାବରେ ୨୩ ଟି ମ୍ୟାଚ ଖେଳିଛନ୍ତି। ଏହି ସମୟ ମଧ୍ୟରେ ସେ ତିନୋଟି ଶତକ ଏବଂ ଛଅଟି ଅର୍ଦ୍ଧଶତକ ସହିତ ମୋଟ ୯୧୫ ରନ କରିଛନ୍ତି। ଯଦି ରାହୁଲ ଓପନିଂ କରନ୍ତି, ତେବେ ବୁଧବାର ଅତିରିକ୍ତ ବ୍ୟାଟିଂ ଅଭ୍ୟାସ କରିଥିବା ପନ୍ତଙ୍କୁ ମଧ୍ୟ ଦଳରେ ସୁଯୋଗ ମିଳିପାରେ। ପନ୍ତ ଏପର୍ଯ୍ୟନ୍ତ ପ୍ରଥମ ଦୁଇଟି ମ୍ୟାଚ ଖେଳିପାରି ନାହାଁନ୍ତି।

ଇଂଲଣ୍ଡକୁ ହରାଇବା ପରେ ନାଚିଲେ ଆଫଗାନ୍ ପ୍ରଶଂସକ

ଝଙ୍ଗଦୀପାବଳି ଭଳି ଫୁଟିଲା ବାଣ, ରାସ୍ତାରେ ଧୁମ୍ ନାଚିଲେ ପ୍ରଶଂସକ; ଆଫଗାନିସ୍ତାନର ଐତିହାସିକ ବିଜୟ ପରେ କାବୁଲରେ ଉତ୍ସବ;

କାବୁଲ, ୨୭୨: ପାକିସ୍ତାନରେ ଆୟୋଜିତ ଚାମ୍ପିଅନ୍ସ ଟ୍ରଫିରେ ଆଫଗାନିସ୍ତାନ ଟିମ୍ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରିଛି ସେ ଲାହୋରର